## ସଂକ୍ଷେପରେ

### ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ, ୨୮।୧୦: କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ପୋଲିସ କଲୋନୀର ୩ୟ ମହଲାର ଛାତ ଉପରୁ ତଳକୁ ପଡି ଜଣେ ମହିଳାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦ୍ରୀୟ ରିଜର୍ଭ ପୋଲିସର ହାବିଲଦାର ସୁଧାଂଶୁ ବିଶ୍ୱାଳଙ୍କ ସ୍ତ୍ରୀ ମମିତା। ପୂର୍ବାହ୍ନ ୮ରେ ଗାଧୋଇବା ପରେ ଲୁଗା ଶୁଖାଇବାକୁ ଛାତ ଉପରୁ ଯାଇଥିଲେ। କୌଣସି କାରଣରୁ ତଳକୁ ପଡି ଯିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରେ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୨) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତଦନ୍ତ ସହ ରିପୋର୍ଟ ଆସିଲେ ସବିଶେଷ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ମାର୍ଶାଘାଇ, ୨୮।୧୦ (ଡି.ଏନ.ଏ.): ମାର୍ଶାଘାଇ ଥାନା ସାନଗାଁ ଗ୍ରାମ ନିକଟରେ ଥିବା ରେଳ ପୋଲ ତଳେ ଗଞ୍ଜେଇ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଜବତ କରିଛି। ସାନଗାଁ ଗ୍ରାମର ରବୀନ୍ଦ୍ର ନାଥ ଓରଫ ରବି (୬୩) ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜେଇ ବିକ୍ରି କରିବାକୁ ରେଳ ପୋଲ ତଳେ ଯୋଜନା କରୁଥିଲେ। ପୋଲିସ ମାର୍ଶାଘାଇ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ସାଙ୍ଗରେ ନେଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୬ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏ ସମ୍ପର୍କରେ ଥାନାରେ ନଂ. ୪୧୨/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ. ଆଇ. ଦେବାଶିଷ ପଣ୍ଡା ପ୍ରକାଶ କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ପାଇଁ ଭିତ୍ତିଭୂମି ଆବଶ୍ୟକ

**୧୯୯୯ ବାତ୍ୟାକୁ ପୂରିଲା ୨୩ ବର୍ଷ**

- ୩୯୭ ଜୀବନହାନି ସହ ଭାଙ୍ଗିଥିଲା ୩ ଲକ୍ଷ ଘର
- ଉଚ୍ଚ ତଟବନ୍ଧ, ହେନ୍ତାଳ ବଣ, ଝଡ଼ କ୍ଷତିକୁ କମ୍ କରିବ



କେନ୍ଦ୍ରାପଡ଼ା ଅଫିସ, ୨୮।୧୦

ସାମୁଦ୍ରିକ ଝଡ଼ ଅଥବା ଅକ୍ଟୋବର ୨୯ ତାରିଖ ଆସିଲେ, ୨୩ ବର୍ଷର ପୂର୍ବ ମହାବାତ୍ୟା ମନେପଡ଼େ। ୧୯୯୯ରେ ଏହି ମହାବାତ୍ୟାରେ ରାଜ୍ୟର ୧୪ ଜିଲାରେ ସମୁଦ୍ରକୂଳଠାରୁ ପ୍ରାୟ ୧୫୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ ପ୍ରବଳ ବର୍ଷା ସହ ତୋଫାନ ସୃଷ୍ଟି ହୋଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନହାନି ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ୩୯୭ ଜଣଙ୍କ ମୃତ୍ୟୁ ଘଟିଥିଲା। ୩୮ ଜଣଙ୍କ ସମ୍ବନ୍ଧରେ ଅଦ୍ୟାବଧି ଖୋଜ ଖବର ନାହିଁ। ୧୮୦୩ ଜଣ ଆହତ ହୋଇଥିଲେ। ସେହିପରି ୩ ହଜାରରୁ ଅଧିକ ମାଛଧରା ଡଙ୍ଗା, ୪୮,୯୦୬ ଗୃହପାଳିତ ପଶୁପକ୍ଷୀଙ୍କ ସହ ଜିଲାରେ ୨,୯୭,୮୧୪ଟି ଘର ଭାଙ୍ଗିଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ସୂଚନା ମିଳୁଛି। ଅପରପକ୍ଷରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭିତ୍ତିଭୂମି ଅଦ୍ୟାବଧି ସୁଦୃଢ଼ ହୋଇନାହିଁ। ଉଚ୍ଚ ତଟବନ୍ଧ ନିର୍ମାଣ, ତଟାଞ୍ଚଳରେ ଅଧିକ ହେନ୍ତାଳ ବଣ ସୃଷ୍ଟି ଏହାକୁ ରୋକିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଚିହ୍ନଟରେ ସୀମିତ ୬୪ ସୁନାମିପ୍ରବଣ ଗ୍ରାମ



ମହାବାତ୍ୟା ଆମକୁ ଅନେକ ଶିକ୍ଷା ଦେଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ କ୍ଷତିରୁ ରକ୍ଷା ପାଇଁ ୨୦୦୫ ମସିହାରେ ଓସ୍‌ଡମା ପକ୍ଷରୁ ତଟଠାରୁ ଦେଢ଼ କିମି ଭୂଭାଗ ଅଞ୍ଚଳକୁ ଚିହ୍ନଟ କରାଯାଇଛି। ସେହି ସମୟରେ ରାଜନଗର ବ୍ଲକ ୪୬ ଓ ମହାକାଳପଡ଼ା ବ୍ଲକର ୧୮ ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରାଯାଇଥିଲା। ଇତିମଧ୍ୟରେ ଏହାକୁ ପ୍ରାୟ ୧୭ ବର୍ଷ ବିତିଛି। ତଟବନ୍ଧକୁ ଉଚ୍ଚା କରିବା, ଅଧିକ ହେନ୍ତାଳବଣ ସୃଷ୍ଟି କରିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ସାମୁଦ୍ରିକ ଝଡ଼ ଆସିଲେ ଜନଜୀବନ ବ୍ୟସ୍ତ ହୋଇପଡୁଛି।

**– ସୁନୀଲ କୁମାର ଗନ୍ତାୟତ,**
**ସାମାଜିକ କର୍ମୀ, ମହାକାଳପଡ଼ା**

### ୭୪୪ କିମି ତଟବନ୍ଧ ଅସୁରକ୍ଷିତ



କେନ୍ଦ୍ରାପଡ଼ା ଜିଲାରେ ଆଳି ତଟବନ୍ଧ ଅଧୀନରେ ଥିବା ମୋଟ ୭୪୪ କିଲୋମିଟର ତଟବନ୍ଧର ସୁରକ୍ଷା ଏବେ ପ୍ରଶ୍ନବାଚୀ ହୋଇଛି। ଝଡ଼ବାତ୍ୟା ସମୟରେ ତଟବନ୍ଧ ଡେଇଁ ଚାଷ ଜମିକୁ ପାଣି ପଶିବା ସହ କେତେକ ଗ୍ରାମକୁ କ୍ଷତି କରୁଛି। ତଟବନ୍ଧକୁ ଅନ୍ୟୁନ ୬ ମିଟର ଉଚ୍ଚା କରିବାକୁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁନାହିଁ। ଗତ ଅଗଷ୍ଟରେ ଏହି ତଟବନ୍ଧ ମଧ୍ୟରୁ ମାତ୍ର ୩୨ କି.ମି. ତଟବନ୍ଧ ପାଇଁ ରାଜ୍ୟ ସରକାର ମାତ୍ର ୨୦,୫୬୨.୪୯ ଟଙ୍କା ଦେଇଛନ୍ତି। ତଟବନ୍ଧ ସୁରକ୍ଷା କ୍ଷେତ୍ରରେ ଏହା ସମୁଦ୍ରକୁ ଶଙ୍ଖେ ପରି।

**– ପ୍ରତାପ କୁମାର ପାଢ଼ୀ,**
**ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

### ବାତ୍ୟା, ବନ୍ୟାରେ ସ୍ଥାନାନ୍ତର ମନେପଡ଼େ

କେନ୍ଦ୍ରାପଡ଼ା ଜିଲାରେ ବାତ୍ୟା, ବନ୍ୟା, ସୁନାମି ଭୟ ରହିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ସୁରକ୍ଷା ପାଇଁ ସ୍ଥାନାନ୍ତର ସାଧାରଣ ଘଟଣା ହୋଇଛି। ଜିଲାରେ ଥିବା ଥଇଥାନସ୍ଥଳର ନିରୀକ୍ଷଣ ଓ ରକ୍ଷଣାବେକ୍ଷଣର ଘୋର ଅଭାବ ଦେଖାଦେଇଛି। ୩୧୭ଟି ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ଏବେ ଅସୁରକ୍ଷିତ ଅବସ୍ଥାରେ ଅଛି। ପାନୀୟ ଜଳ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ପାଇଖାନା ସମସ୍ୟା ସବୁବେଳେ ଦେଖାଦେଇଛି। ସେହିପରି କେତେକ ସ୍ଥାନରେ ଜେନେରେଟର, ଲାଇଫ ଜ୍ୟାକେଟ ଆଦି ସୁବିଧା ନାହିଁ।



**– ନୀହାର ରଞ୍ଜନ ପ୍ରଧାନ,**
**ସାମାଜିକ କର୍ମୀ, ଡେରାବିଶ**

### ହେନ୍ତାଳ ବଣ ହିଁ ସାମୁଦ୍ରିକ ଝଡ଼ରୁ ରକ୍ଷା କରିବ

ହେନ୍ତାଳବଣର ସାନ୍ଦ୍ରତା ଓ ନମନୀୟତା ପାଇଁ ସାମୁଦ୍ରିକ ଝଡ଼ ଓ ସୁନାମି କ୍ଷେତ୍ରରେ ସମୁଦ୍ରର ସୁରକ୍ଷା ପ୍ରାଚୀର କୁହାଯାଏ। ଏହାର ଉଦାହରଣ ୧୯୯୯ ମହାବାତ୍ୟାରେ ଦେଖିବାକୁ ମିଳିଥିଲା। ପ୍ରଚୁର ହେନ୍ତାଳବଣ ଯୋଗୁ ସମୁଦ୍ର ଜଳ ଜିଲାର ବହୁ ଅଞ୍ଚଳକୁ ପ୍ରବେଶ କରି ପାରି ନ ଥିଲା। ୩୩ କୋଟି ବ୍ୟୟରେ ପେଣ୍ଠଠାରେ ନିର୍ମିତ ଜିଓ ସିନ୍ଥେଟିକ ଟ୍ୟୁବୱାଲ ସମୁଦ୍ର ଜୁଆରକୁ ରୋକି ପାରୁନାହିଁ। ଏହାର ଗାବିୟନ ବକ୍ସ ଓ ସୁରକ୍ଷା ପ୍ରାଚୀରରେ ଥିବା ପଥର ସମୁଦ୍ର ଗର୍ଭକୁ ଚାଲିଯାଉଛି। ବହୁ ସମୟରେ ବିଶେଷଜ୍ଞ ତଟବର୍ତ୍ତୀ ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ପାଇଁ ପରାମର୍ଶ ଦେଇଛନ୍ତି।



**– ଅଧ୍ୟାପକ କ୍ଷିତୀଶ କୁମାର ସିଂହ,**
**ପରିବେଶବିତ୍, କେନ୍ଦ୍ରାପଡ଼ା**

### ଗଞ୍ଜେଇ ଜବତ: ଜଣେ ଗିରଫ

ରଘୁନାଥପୁର,୨୮।୧୦(ଡି.ଏନ୍.ଏ.)

ରଘୁନାଥପୁର ଥାନା ସାଦେଇପୁର ରାଉତନୂଆଗାଁ ଗ୍ରାମରେ ଚୋରା ନିଶା କାରବାର ଚାଲିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଜଗତସିଂହପୁର ଥାନା ମୁଧୁସୂଦନପୁରର ଦୟାନିଧି ପାତ୍ର। ତାଙ୍କ ପାଖରୁ ୨ କିଲୋ ଗଞ୍ଜେଇ, ନଗଦ ୪ ହଜାର୧୫୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୦୦/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି।

### ବଜାର କମିଟି ସଭାପତିଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨୮।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୋଖରିଆପଡା ଗାଁର ସମାଜିକ କର୍ମୀ, ଯୁବ ବ୍ୟବସାୟୀ ଓ ଗାୟତ୍ରୀ ବଜାର କମିଟି ସଭାପତି ତ୍ରିଲୋଚନ ସାହୁ (୫୧)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ଅସୁସ୍ଥ ଥାଇ ଡାକ୍ତରଖାନାରେ ଚିକିତ୍ସା ହେଉଥିଲେ। ସୁସ୍ଥ ହୋଇ ଘରକୁ ଫେରିଥିଲେ। ଗୁରୁବାର ରାତିରେ ଶରୀର ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥା ଶୁକ୍ରବାର ଭୋରୁ ତାଙ୍କର ମୃତ୍ୟୁ ହେଇଥିଲା। ତ୍ରିଲୋଚନଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇବା ପରେ ଗାୟତ୍ରୀ ବଜାରର ଦୋକାନ ସବୁ ବନ୍ଦ ରହିଥିଲା। ସ୍ୱର୍ଗତ ସାହୁ ଜଣେ ସ୍ନେହୀ, ବନ୍ଧୁବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସଭବନରେ ଅନେକ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି। ପୋଖରିଆପଡା ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା।

## ୧୧ ଦଫା ଦାବିରେ ଗଣ ସତ୍ୟାଗ୍ରହ

ରଘୁନାଥପୁର, ୨୮।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୧୧ ଦଫା ଦାବି ନେଇ ରେଢୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ଗଣସତ୍ୟାଗ୍ରହ ଆରମ୍ଭ ହୋଇଛି। ପରିଷଦର ଆବାହକ ସ୍ନେହାଂଶୁ ଜେନାଙ୍କ କହିବାନୁଯାୟୀ, ଜୁନ ୧୦ରେ ଅଞ୍ଚଳର ବହୁବିଧ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ମାତ୍ର ସମସ୍ୟା ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏ ନେଇ ସତ୍ୟାଗ୍ରହ କରାଯାଇଛି ବୋଲି ସେ କହିଛନ୍ତି। ପରିଷଦ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ହେଲା, ନୂଆଦାଣ୍ଡିତ ମାଛଗାଁ କେନାଲରୁ ବାହାରିଥିବା ୭ନଂ. ଓ ୮ନଂ. ଶାଖା କେନାଲର ମଧ୍ୟ ଭାଗରେ ଥିବା ୨୦ କିମି ବ୍ୟାପୀ ମୃତନଦୀରେ ମାଛ ଚାଷ ପାଇଁ ଅନୁମତି ଦେବା, ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣାଙ୍ଗ କରିବା, ରେଢୁଆ ମଠଗଡ଼ାରୁ ଶେଖପାଟଣା ପର୍ଯ୍ୟନ୍ତ ୮ନଂ. ଶାଖା କେନାଲକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ କରିବା ସହ ହଂସୁଆ ସଫେଇ ତଟବର୍ତ୍ତୀ ରେଢୁଆ, ତଅଁରା, ପୁରୁଣାବସନ୍ତ, ଚିକିଣିଆ, ଏରଡଙ୍ଗା ଓ ରାଢଙ୍ଗ ପଞ୍ଚାୟତର ଚାଷଜମିରେ ବର୍ଷାଦିନେ ଜମି ରହୁଥିବା ଉଦ୍‌ବୃତ୍ତ ଜଳକୁ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା, ଚାଷୀଙ୍କୁ ବିକଳ୍ପ ଜୀବିକା ଯୋଗାଇ ଦେବା ଆଦି ଅନ୍ତର୍ଭୁକ୍ତ। ଏହାଛଡା ଧଳାଟଙ୍ଗଗଡ ଜଙ୍ଗଲକୁ ପର୍ଯ୍ୟଟନସ୍ଥଳରେ ପରିଣତ କରିବା, ମୁଗ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ପ୍ରାଣୀ ଚିକିତ୍ସାଳୟ ଓ ଶୀତଳଭଣ୍ଡାର ନିର୍ମାଣ କରିବା ଆଦି ଦାବି କରାଯାଇଛି। ଏସବୁ ଦାବି ନେଇ ପୂର୍ବାହ୍ନ ୯ଟାରୁ ଅଞ୍ଚଳବାସୀ ଗଣ ସତ୍ୟାଗ୍ରହରେ ବସି ରହିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବୁ ବୋଲି ଦେବୀପ୍ରସାଦ ମହାରଣା ପ୍ରକାଶ କରିଛନ୍ତି। ୧୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମର୍ଥନ କରିଥିବାବେଳେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସୁଶ୍ରୀ ଗୀତା ରଥ, ସଦାଶିବ ବିଶ୍ୱାଳ, ଭଗବାନ ବିଶ୍ୱାଳ, ପ୍ରାଣକୃଷ୍ଣ ନାୟକ, ବିଜନ ମହାପାତ୍ର, ତପନ ମଲ୍ଲିକ, ଶୁଭ୍ରାଂଶୁ ଆଚାର୍ଯ୍ୟ ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।



ଗଣ ସତ୍ୟାଗହରେ ସାମିଲ ହୋଇଥିବା ବୁଦ୍ଧିଜୀବୀମାନେ।

## ହେତୁବାଦୀଙ୍କ ବୟାନକୁ ସେବାୟତ, ସେନାର ବିରୋଧ



ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ସେବାୟତ ଓ ବଳଦେବ ସେନା ପକ୍ଷରୁ ହେତୁବାଦୀଙ୍କ ମନ୍ତବ୍ୟକୁ ବିରୋଧ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨୮।୧୦

ସୂର୍ଯ୍ୟୋପରାଗ ପାଇଁ ଗତ ୨୫ ତାରିଖରେ ଦେବ ନୀତି ଓ ପାକ ତ୍ୟାଗ ପାଳନ ହୋଇଥିଲା। ହିନ୍ଦୁ ସଂସ୍କୃତିର ଏହି କର୍ମକୁ କେତେଜଣ ହେତୁବାଦୀ ଆମିଷ ଭକ୍ଷଣ ସହ ହିନ୍ଦୁ ଦେବଦେବୀଙ୍କ ପ୍ରତି ଆକ୍ଷେପମୂଳକ ଟିପ୍ପଣୀ ଦେଇଥିଲେ। ଏହାକୁ ଇଚ୍ଛାପୁରସ୍ତ ଶ୍ରୀବଳଦେବଜୀଉଙ୍କ ସେବାୟତ ଓ ବଳଦେବ ସେନା ପକ୍ଷରୁ ଶୁକ୍ରବାର ଦୃଢ଼ ବିରୋଧ କରାଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ସହ ପ୍ରତିକାତ୍ମକ ଭାବେ ରଥଦାଣ୍ଡରେ କୁଶପୁତ୍ତଳିକା ଦାହ କରାଯାଇଛି। ଏ ସମ୍ପର୍କରେ ସେବାୟତ ନୃସିଂହ ପତ୍ରୀ କହିଛନ୍ତି, ହିନ୍ଦୁ ସଂସ୍କୃତିରେ ଥିବା ପର୍ବପର୍ବାଣି ଓ ପରମ୍ପରା ବିଜ୍ଞାନସମ୍ମତ। ଏଥିରେ ପରିବେଶ ବିଜ୍ଞାନଠାରୁ ଆରମ୍ଭକରି ଅତ୍ୟାଧୁନିକ ବିଜ୍ଞାନର ସମ୍ମିଳିତ ହୋଇଛି। କ୍ରିୟା କର୍ମରେ ହେଉଥିବା ପର୍ବପର୍ବାଣି ସମ୍ପର୍କରେ ଅଦ୍ୟାବଧି ଗବେଷଣା କରାଯାଇ ପ୍ରତ୍ୟେକ କର୍ମ ସମାଜ ପାଇଁ ଆବଶ୍ୟକତା ଥିବା ବୈଜ୍ଞାନିକ ଦର୍ଶାଉଛନ୍ତି। ନିର୍ଜଳା ଏକାଦଶୀରେ ଉପବାସ କରିବାକୁ ହିନ୍ଦୁ ସଂସ୍କୃତିରେ ପରାମର୍ଶ ଦିଆଯାଇଛି। ଏହାକୁ ନେଇ ଜାପାନ ବୈଜ୍ଞାନିକ ପ୍ରଫେସର ୟୋସିନୋରୀ ଓହସୁମୀ ୨୦୧୬ରେ ନୋବେଲ ପୁରସ୍କାର ପାଇଛନ୍ତି। ସନ୍ଦର୍ଭରେ ନିର୍ଜଳା ଉପବାସ ଦ୍ୱାରା କର୍କଟ ରୋଗର ଉପଶମ ହୋଇପାରିବ ବୋଲି ତଥ୍ୟ ଦେଇଛନ୍ତି। ହେତୁବାଦୀମାନେ କୌଣସି ଗବେଷଣା ନ କରି ହିନ୍ଦୁ ସଂସ୍କୃତି ପ୍ରତି ଆକ୍ଷେପ କରିବା ଦୁଃସହ୍ୟ ହୋଇପଡିଛି। ଆଗାମୀଦିନରେ ଏପରି ବିଚାରଧାରା ରଖିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପତ୍ରୀ ସୂଚନା ଦେଇଛନ୍ତି। ଏହି ଗଣବିକ୍ଷୋଭରେ ଜ୍ୟୋତିରଞ୍ଜନ ପତ୍ରୀ, ସୁରେଶ ପତ୍ରୀ, ରବୀନ୍ଦ୍ର ସୁଆର, ଧର୍ମଦର୍ଶୀ କର, ଶଶିକାନ୍ତ ସୁଆର ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ସମାବର୍ତ୍ତନ ଉତ୍ସବ

ରାଜକନିକା,୨୮।୧୦(ଡି.ଏନ.ଏ.)

ଶ୍ରୀଜଗନ୍ନାଥ ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଭାପତି ଦୁର୍ଯ୍ୟୋଧନ ସାମଲ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର କହିଥିଲେ, ବହୁ ପୁରାତନ କାଳରୁ ମହାଭାରତ, ରାମାୟଣରୁ ସାହିତ୍ୟ ସୃଷ୍ଟି ହୋଇଛି। ତେବେ ଭକ୍ତି, ସଂସ୍କୃତି ହେଉଛି ସାହିତ୍ୟ। ତେଣୁ ଆଧୁନିକ କବି, ଲେଖକମାନେ ସାହିତ୍ୟ ରଚନା କରି ଦେଶକୁ ବଞ୍ଚାଇବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ବୀରେନ୍ଦ୍ର କୁମାର ପଣ୍ଡା, ପ୍ରାକ୍ତନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବିଶିଷ୍ଟ ଅତିଥି ମହେନ୍ଦ୍ର କୁମାର ମଳିକ, ସମ୍ମାନୀତ ଅତିଥି କିଟ୍ ଓ କିସର ନିର୍ଦ୍ଦେଶିକା ସାମାଜିକ ଉନ୍ନୟନ ବିଭାଗର କାବ୍ୟପ୍ରିୟଦର୍ଶନୀ ଧଳ ଯୋଗ ଦେଇଥିଲେ। ଏହି ଅବସରରେ ହରିଶ୍ଚନ୍ଦ୍ର ସାହୁ, ନାରାୟଣ ଧଳ, ମନୋଜ କୁମାର ନାୟକଙ୍କୁ ମୁଖ୍ୟଅତିଥି ଉପାୟନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅନିରୁଦ୍ଧ ବେଉରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଦେଇଥିବାବେଳେ ନାରାୟଣ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଭରତ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଥାଟୋଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିଂହପୁର ବଣିକ ସଂଘ ସମ୍ପାଦକ ନିରଞ୍ଜନ ବେଉରିଆ, ବୈଷ୍ଣବ ଚରଣ ସାମଲ, ପ୍ରାକ୍ତନ ସଭାପତି ତ୍ରିନାଥ ବେଉରିଆ, କଳାକାର ପାତ୍ର, ଉପସଭାପତି ସୁଶାନ୍ତ କୁମାର ନାୟକ ପ୍ରଭୃତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ସମାଜିକ କର୍ମୀ ସୁର ଧଳ ଓ ପୁତ୍ର ସାଗର ସମସ୍ତ ସହଯୋଗ କରିଥିଲେ।



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଗିରିଗୋବର୍ଦ୍ଧନ ପୂଜା ପାଇଁ ଡେରାବିଶର ଗ୍ରାମ ଉତ୍ସବମୁଖର

ଡେରାବିଶ,୨୮।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାରଠାରୁ ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ୭ ଦିନ ଧରି ହେବାକୁ ଥିବା ପୂଜା ପାଇଁ ଡେରାବିଶ ବ୍ଲକ ଅଧୀନ ବେଣୀପୁର ପଞ୍ଚାୟତ ସଦାନନ୍ଦପୁର, ଚାଟରାଚକଡ଼ା ପଞ୍ଚାୟତ ଓଲଡ଼ି, ଦାନପୁର ପଞ୍ଚାୟତ ରଜାଙ୍ଗ, ଚାନ୍ଦୋଳ ପଞ୍ଚାୟତ ଗୌଡ଼ବିଶି, ପଲେଇ ପଞ୍ଚାୟତ କାଜିପୁର ଗାଁର ଉତ୍ସବ ମୁଖର ହୋଇଛି। ଶୁକ୍ରବାର ତୃତୀୟ ଦିବସରେ ସଦାନନ୍ଦପୁର ଗାଁରେ ଅନୁଷ୍ଠିତ ଏହି ପୂଜା ପାଇଁ ଗ୍ରାମ ଯେପରି ଅସ୍ଥାୟୀ ସହର ପାଲଟି ଯାଇଛି। ଏହି ଗ୍ରାମରେ ୭୦ଟି ବୁଣାକାର ପରିବାର ପକ୍ଷରୁ ଆୟୋଜିତ ଏହି ପୂଜା ବହୁ ପ୍ରାଚୀନ ବୋଲି ଗ୍ରାମର ଅଲେଖ ମଣ୍ଡଳ କହିଛନ୍ତି। ଅମାବାସ୍ୟା ତିଥି ପରେ ପଡୁଥିବା ପ୍ରତିପଦା ତିଥିରେ ଆରମ୍ଭ ହୋଇଥାଏ ଏହି ପୂଜା। ଏହି ପୂଜାକୁ ଅତି ନିଷ୍ଠାର ସହ ସମସ୍ତ ବୁଣାକାର ପରିବାର ୭ ଦିନ ଧରି ପାଳନ କରିଥାନ୍ତି। ଗାଁ ଦାଣ୍ଡରେ ମାଟିରେ ତିଆରି ଶ୍ରୀମନ୍ଦିରର ବେଢ଼ା ସାଧାରଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ତେବେ ପ୍ରତ୍ୟହ ସନ୍ଧ୍ୟାରେ ପାଲା ଓ ଅପେରା ପ୍ରଦର୍ଶନ ଅଞ୍ଚଳବାସୀଙ୍କୁ ମନ୍ତ୍ରମୁଗ୍ଧ କରିଛି। ଏହି କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ଘଡ଼େଇ, ସୁବାସ ଚନ୍ଦ୍ର ଘଡ଼େଇ, ପ୍ରଶାନ୍ତ ଘଡ଼େଇ, ଅଜିତ କୁମାର ଘଡ଼େଇ ପ୍ରମୁଖ ଗ୍ରାମବାସୀ ପରିଚାଳନା କରୁଛନ୍ତି।



ସେହିପରି ବ୍ଲକ ଅଧୀନ ଓଲଡ଼ିଠାରେ ଅନୁଷ୍ଠିତ ପୂଜା ମଣ୍ଡପରେ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଗଣେଶ୍ୱର ବେହେରା ପ୍ରମୁଖ ଗ୍ରାମବାସୀ ପରିଚାଳନା କରୁଥିବାବେଳେ ଚାନ୍ଦୋଳ ପଞ୍ଚାୟତ ଗୌଡ଼ବିଶିଠାରେ ଅନୁଷ୍ଠିତ ପୂଜା କାର୍ଯ୍ୟକ୍ରମକୁ ମଧୁସୂଦନ ଘଡ଼େଇ ଓ ରଜାଙ୍ଗଠାରେ ଅନୁଷ୍ଠିତ ପୂଜା କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ଘଡ଼େଇ ଓ କାଜିପୁରଠାରେ ପୂଜା କାର୍ଯ୍ୟକ୍ରମକୁ ରବୀନ୍ଦ୍ର ବେହେରା ପରିଚାଳନା କରୁଛନ୍ତି। ପୌରାଣିକ କଥାବସ୍ତୁ ଅନୁଯାୟୀ ଦ୍ୱାପର ଯୁଗରେ ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ରକ୍ଷା କରିବାକୁ ଭଗବାନ ଶ୍ରୀକୃଷ୍ଣ ବାମ ହାତ କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିବା ସହ ଗୋପପୁରବାସୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ବୋଲି ସଦାନନ୍ଦପୁର ଗାଁର ଗୁରୁଚରଣ ଘଡ଼େଇ ପ୍ରକାଶ କରିଛନ୍ତି। ସେହିଦିନଠାରୁ ବୁଣାକାର ପରିବାରମାନେ ନିଜର ଇଷ୍ଟଦେବ ଭଗବାନ ଶ୍ରୀକୃଷ୍ଣଙ୍କୁ ଗିରି ଗୋବର୍ଦ୍ଧନ ଭାବେ ପୂଜା କରି ଆସୁଛନ୍ତି।

## କୃଷ୍ଣଚନ୍ଦ୍ର ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଅନିୟମିତତା

ଡେରାବିଶ, ୨୮।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ଭୁଠାରେ ଥିବା କୃଷ୍ଣଚନ୍ଦ୍ର ସଂସ୍କୃତ ମହିଳା ମହାବିଦ୍ୟାଳୟରେ ବ୍ୟାପକ ଅନିୟମିତତା ନେଇ ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ଅଧ୍ୟୟନରତ ଛାତ୍ରୀଙ୍କ ଅଭିଭାବକ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଚେଷ୍ଟାରେ ଅଞ୍ଚଳର ଗରିବ ମେଧାବୀ ଛାତ୍ରୀମାନେ ସଂସ୍କୃତ ମାଧ୍ୟମରେ ଉଚ୍ଚଶିକ୍ଷା ଲାଭ ନିମନ୍ତେ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଅଧ୍ୟକ୍ଷ ମହାବିଦ୍ୟାଳୟକୁ ସପ୍ତାହରେ ୨ ଦିନ ଆସି ପ୍ରତ୍ୟେକ ଦିନ ଉପସ୍ଥିତ ରହୁଥିବା ତାଙ୍କ ଉପସ୍ଥାନରେ ଦସ୍ତଖତ କରୁଥିବା ଅଭିଯୋଗ ହେଉଛି। ମହାବିଦ୍ୟାଳୟର ଛାତ୍ରୀମାନେ ଭଙ୍ଗା ଶୌଚାଳୟ ବ୍ୟବହାର କରୁଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଭଙ୍ଗା ଶ୍ରେଣୀ ଗୃହରେ ବିପଦସଙ୍କୁଳ ଅବସ୍ଥାରେ ପିଲା ପାଠ ପଢୁଛନ୍ତି। ଛାତ୍ରୀମାନଙ୍କଠାରୁ ନାମଲେଖା ସମୟରେ ଆଦାୟ କରାଯାଉଥିବା ଫିକୁ କଲେଜ ଜମାଖାତାରେ ରଖା ନ ଯାଉନାହିଁ। ଯାହାର ହିସାବ ମିଳୁ ନାହିଁ। ମହାବିଦ୍ୟାଳୟରୁ ପାସ୍ କରୁଥିବା ଛାତ୍ରୀଙ୍କଠାରୁ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ପାଇଁ ଟଙ୍କା ଆଦାୟ କରାଯାଇଥାଏ। ଟଙ୍କା ଦେଇ ପାରୁ ନ ଥିବା ଛାତ୍ରୀ ବହୁବର୍ଷ ଧରି ସେମାନଙ୍କର ପ୍ରମାଣପତ୍ର ପାଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ କରା ନ ଯାଇ ସେଥି ନିମନ୍ତେ ଆସୁଥିବା ଅନୁଦାନ ଆତ୍ମସାତ୍ କରାଯାଉଛି। ଏହି କାରଣରୁ ମହାବିଦ୍ୟାଳୟରୁ ଜାତୀୟ ସେବା ସଂସ୍ଥା ଯୋଜନାକୁ ପ୍ରତ୍ୟାହାର କରି ନିଆଯାଇଛି।



କୃଷ୍ଣଚନ୍ଦ୍ର ସଂସ୍କୃତ ମହିଳା ମହାବିଦ୍ୟାଳୟ।

**ଉପଜିଲାପାଳଙ୍କୁ ଅଭିଭାବକ, ଅଞ୍ଚଳବାସୀଙ୍କ ଅଭିଯୋଗ**

ମହାବିଦ୍ୟାଳୟରେ ଶିକ୍ଷାଦାନ, ପ୍ରଶାସନିକ କାର୍ଯ୍ୟ ଓ ଉନ୍ନୟନ ପାଇଁ ଆସୁଥିବା ଅନୁଦାନ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନ ଥିବା ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ପୂର୍ବତନ ସରପଞ୍ଚ ରଘୁନାଥ ଶତପଥୀ, ଅଜୟ କୁମାର ବଳ, ରମେଶ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ମହାବିଦ୍ୟାଳୟ ସମ୍ବନ୍ଧରେ ଆସିଥିବା ଅଭିଯୋଗ ତାଙ୍କର ହସ୍ତଗତ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଡେରାବିଶ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ ଏହା ଉପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମହାବାତ୍ୟାକୁ ୨୩ ବର୍ଷ ପୂରିଲା : ସୁଧୁରିନି ଲୋକଙ୍କ ଅବସ୍ଥା

ଏରସମା,୨୮।୧୦(ସ୍ୱ.ପ୍ର.)


ଦହିବର ଗାଁରେ ମହାବାତ୍ୟାର ସ୍ମୃତିସ୍ତମ୍ଭ।


ପକ୍କା ଘର ପାଇବାରୁ ବଞ୍ଚିତ ହୋଇଥିବା ମେନକା ସାସମଲ।

ଓଡ଼ିଶାର ଉପକୂଳ ଜିଲାଗୁଡ଼ିକରେ ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଭୟଙ୍କର ବିପର୍ଯ୍ୟୟ କରିବା ସହ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ଜଗତ୍‌ସିଂହପୁର ଜିଲା ବଙ୍ଗୋପସାଗର ଉପକୂଳବର୍ତ୍ତୀ ଏରସମା ବ୍ଲକର ଭୌଗୋଳିକ ସ୍ଥିତି ଛାରଖାର ହୋଇଯାଇଥିଲା। ଏଠାରେ ଘଣ୍ଟା ପ୍ରତି ୩୫୦କିମି ବେଗରେ ପବନ ପ୍ରବାହିତ ହେବା ସହ ସମୁଦ୍ରରୁ ୩୦ ଫୁଟ୍ ଉଚ୍ଚର ଜୁଆର ଉଠିଆସିଥିଲା। କେହି କିଛି ବୁଝିବା ଆଗରୁ ଘରଦ୍ୱାର ରାସ୍ତାଘାଟ ସବୁ ନିଶ୍ଚିହ୍ନ ହୋଇଯାଇଥିଲା। ପ୍ରକୃତିର ଧ୍ୱଂସ ଲୀଳା ଭିତରେ ଏରସମାରୁ ଚାଲିଯାଇଥିଲା ୧୦,୦୦୦ ଜୀବନ। ଏହା ମଧ୍ୟରେ ମହାବାତ୍ୟାକୁ ୨୩ ବର୍ଷ ପୂରିଛି। ବିନାଶ ଭିତରୁ ବିକାଶର ସୂତ୍ରପାତ ହୋଇଛି। ମାତ୍ର ଯେଉଁମାନେ ଅତି ନିକଟରୁ ସେହି ଧ୍ୱଂସ ଲୀଳା ଅଙ୍ଗେ ନିଭାଇଛନ୍ତି, ସେମାନଙ୍କ ପାଇଁ ମହାବାତ୍ୟା ଏବେବି ଅଭୁଲା ସ୍ମୃତି ହୋଇ ରହିଯାଇଛି। ଏବେବି ବହୁଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂର ହୋଇ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।

- ୩୧୭ ପରିବାର ପକ୍କାଘର ପାଇବାରୁ ବଞ୍ଚିତ
- କୂଳ ଲଂଘୁଛି ସମୁଦ୍ର, ଅସୁରକ୍ଷିତ ଅବସ୍ଥାରେ ଭ୍ୟୁ ଟାୱାର
- ଭୟଭୀତ ଅବସ୍ଥାରେ ଗ୍ରାମବାସୀ

ଜପା ଓ ଆମ୍ବିକି ପଞ୍ଚାୟତର ୩୧୭ ପରିବାର ଏବେବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଥିବାରୁ ଘର କରି ନ ପାରି ଏବେ ମଧ୍ୟ କୁଡିଆରେ କାଳାତିପାତ କରୁଛନ୍ତି। ଉଦାହରଣ ଭାବେ ମେନକା ଶାସମଲଙ୍କୁ ନିଆଯାଇପାରେ। ମହାବାତ୍ୟାରେ ପୁଅ ଝାଡୁଙ୍କୁ ହରାଇଥିଲେ। ଅବଶିଷ୍ଟ ଦୁଇ ପୁଅ ବୋହୂଙ୍କୁ ନେଇ ତାଙ୍କ ସଂସାର। ତାଙ୍କ ଭିତରୁ ଜଣେ ଗାଡି ଧକ୍କାରେ ଦୃଷ୍ଟି ଶକ୍ତି ହରାଇ ଭିନ୍ନକ୍ଷମ ହୋଇଛନ୍ତି। ସ୍ୱାମୀ ଦିନ ମଜୁରିଆ। ପକ୍କା ଘର କରିବା ପାଇଁ ସେ ସକ୍ଷମ ନୁହନ୍ତି ବୋଲି ଦୁଃଖର ସହ ପ୍ରକାଶ କରନ୍ତି। ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କୁହନ୍ତି, ୨୦୧୬-୧୭ ଆର୍ଥିକ ବର୍ଷରେ ଜଙ୍ଗଲ ଜମିରେ ଘର କରିଥିବା ପରିବାରକୁ ପକ୍କା ଘର ଯୋଗାଇ ଦେବା ନିଷିଦ୍ଧ କରାଯାଇଛି। ବିଶେଷ କରି ଉପକୂଳ ଜିଲାର ଏପରି ସମସ୍ୟା ସରକାରଙ୍କ ନିକଟରେ ବିଚାରାଧୀନ ରହିଛି।

ଏହି ବ୍ଲକର ହଂସୁଆ ସଫେଇ ନିକଟରେ ରହିଛି ଦହିବର ଗ୍ରାମ। ମହାବାତ୍ୟା ସମୟରେ ପବନ ସାଙ୍ଗକୁ ଲୁଣାଜୁଆର ମାଡରେ ଗ୍ରାମର ୫୫୬ ଜଣଙ୍କ ଜୀବନ ଚାଲିଯାଇଥିଲା। ମୃତକଙ୍କ ଆତ୍ମାର ସଦଗତି ପାଇଁ ସେମାନେ ସ୍ଥାପନ କରିଛନ୍ତି ସ୍ମୃତିସ୍ତମ୍ଭ। ପ୍ରତିବର୍ଷ ଏହି ଦିନ ସ୍ମୃତିସ୍ତମ୍ଭ ନିକଟରେ ସମୂହ ଦୀପଦାନ କରି ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରନ୍ତି।

ମହାବାତ୍ୟାକୁ ଏତେ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶିଆଳି ବେଳାଭୂମି ସମସ୍ୟା ଦୂର ହୋଇପାରିନାହିଁ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ବେଳାଭୂମିସ୍ଥାନ ପାଇଥିଲେ ମଧ୍ୟ ସମୁଦ୍ର କୂଳ ଲଂଘିବାର ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଫଳରେ ଭ୍ୟୁ ଟାୱାର ଓ ବୃହତ ଓଟିଡିସି ସଭାଗୃହ ଅସୁରକ୍ଷିତ ହୋଇପଡିଛି। ବାରମ୍ବାର ସମୁଦ୍ର କୂଳ ଲଂଘୁଥିବାରୁ ସ୍ଥାନୀୟ ରାମତରା, ଶଂଖା, କଳାବେଦୀ ଓ ଶିଆଳି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ବାରମ୍ବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

## ଦେଶୀ ମଦ, ୨୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ

ବାଲିକୁଦା,୨୮।୧୦(ସ୍ୱ.ପ୍ର.)

ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବାଲିକୁଦା ଓ ଏରସମା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ (ଆସ୍କା ଫର୍ଟି) ମଦ ସହ ୨୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ବାଲିକୁଦା ଅବକାରୀ ଥାନା ଏସ୍‌ଆଇ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ଏରସମା ଥାନା ଅଧୀନ ସାଉକୁଣ୍ଡ ଗାଁରେ ଚଢ଼ାଉ କରାଯାଇ ୩.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ବିପ୍ନ ଦାସଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେହିପରି ବାଲିକୁଦା ଥାନା ଅଧୀନ ଚଅଁରପୁର ହାଟ ପୋଲ ଉପରେ ମଲ୍ଲିକଙ୍କ ଚଢ଼ାଉ କରାଯାଇ ବ୍ରାଉନସୁଗାର କାରବାର ଅଭିଯୋଗରେ ନାଉଗାଁ ଥାନା ଅଧୀନ ସଠଳପୁର ସଞ୍ଜୟ ପଣ୍ଡାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସଞ୍ଜୟଙ୍କ ଘର ଚଅଁରପୁରକୁ ଲାଗିଥିବାରୁ ସେ ଏଠାକୁ ଚାଲି ଆସି ନିଶା କାରବାର ଚଳାଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହି ଚଢ଼ାଉରେ ଦିନବନ୍ଧୁ ସେଠୀ, ମନୋରଞ୍ଜନ ଦାସ, ସନ୍ତୋଷୀ ସାହୁ, ସରୋଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ୬ଷ୍ଠ ଦିନରେ ଯାଜପୁର କାଳୀପୂଜା


ଗରିଆପୁରରେ ପୂଜା ପାଉଥିବା ମା' କାଳୀ।


ସାନବଜାର ମଣ୍ଡପରେ ମା' କାଳୀ।


କିଆଁନାଳୀକୂଳ ମଣ୍ଡପରେ ମା' କାଳୀଙ୍କୁ ଆରାଧନା।

ଯାଜପୁର ଟାଉନ,୨୮।୧୦(ଡି.ଏନ.ଏ.):

ଯାଜପୁରର ଗଣପର୍ବ କାଳୀପୂଜା ଚଳିତ ବର୍ଷ ୧୨ ଦିନ ଧରି ପାଳିତ ହେବାକୁ ଥିବା ବେଳେ ପ୍ରତ୍ୟେକ ପୂଜା ମଣ୍ଡପରେ ଦର୍ଶକଙ୍କ ଭିଡ଼ ଜମିବାରେ ଲାଗିଛି। ଶୁକ୍ରବାର ୬ଷ୍ଠ ଦିନରେ ଦର୍ଶକଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ସନ୍ଧ୍ୟା ହେବା ମାତ୍ରେ ସହରବାସୀ ଓ ଏହାର ଉପକଣ୍ଠ ଅଞ୍ଚଳରୁ ହଜାର ହଜାର ଦର୍ଶକ ବିଭିନ୍ନ ପୂଜା ମଣ୍ଡପ ବୁଲୁଥିବା ଦେଖାଯାଇଛି। ସେହିପରି ପଡ଼ୋଶୀ ଜିଲାରୁ ବହୁ ଦର୍ଶକ ଛୋଟଗାଡି କରି ନିଜର ପରିବାର ଓ ସମ୍ପର୍କୀୟଙ୍କୁ ସାଙ୍ଗରେ ଧରି ଯାଜପୁର କାଳୀପୂଜାର ମଜା ନେଉଛନ୍ତି। ସହରର ବିଭିନ୍ନ ସ୍ଥାନରେ ଫାଷ୍ଟଫୁଡ, ଚାଟ୍, ଗୁପ୍‌ଚୁପ୍, ଆଇସକ୍ରିମ୍, ଘରୋଇ ଉପକରଣ ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଜମୁଛି। ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ଦର୍ଶକଙ୍କ ପାଇଁ ଖୋରାକ ଯୋଗାଇଛି ଛୋଟଛୋଟ ମିନା ବଜାର, ଯେଉଁଥିରେ ଖୁଚୁରା ବେପାରୀମାନେ ବିଭିନ୍ନ ସୌଖିନି ସାମଗ୍ରୀର ପସରା ମେଲାଇଛନ୍ତି। ସହରର ନାରାୟଣ ଛକ ପୂଜା ମଣ୍ଡପଟି ଚଳିତବର୍ଷ ସବୁଠୁ ଆକର୍ଷଣୀୟ ହୋଇଥିବା ବେଳେ ଏହାକୁ ଦେଖିବା ଲାଗି ପ୍ରତ୍ୟେକ ଦର୍ଶକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିବା ପରି ମନେ ହେଉଛି। ଏହାକୁ ଛାଡି କିଆନାଳିକୁଳ, ଗରିଆପୁର, ବଡ଼ବଜାର, ସଦାବ୍ରତମଠ, ମାର୍କେଟ ଛକ, ମେଡିକାଲଛକ, କଚେରି ବଜାର, ଅମ୍ବିକାଇ, ଯୋଡ଼ିକୁଅ ଓ ବିରଜାହାଟ ମଣ୍ଡପ ଗୁଡିକରେ ମଧ୍ୟ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ସହରରେ ମୋଟ୍ ୫୬ଟି କାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ପାଉଥିବା ବେଳେ ପ୍ରାୟ ସବୁ ସନ୍ଧ୍ୟାରେ ମଣ୍ଡପଗୁଡିକର ତୋରଣ ଗୁଡିକ ବେଶ ମନଲୋଭା ଓ ଆକର୍ଷଣୀୟ ଲାଗୁଛି। ଗତ ୨୩ ତାରିଖ ଦୀପାବଳିଠାରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଓଲିଉଡ୍‌ର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ଅର୍କେଷ୍ଟ୍ରା, ଭଜନ ଓ ପାରମ୍ପରିକ ଗୀତନୃତ୍ୟ କାର୍ଯ୍ୟକ୍ରମ ଚାଲୁଥିବା ଦେଖାଯାଇଛି।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

କେନ୍ଦ୍ରାପଡ଼ା ଅଫିସ, ୨୮।୧୦

କେନ୍ଦ୍ରାପଡ଼ା ଆଡହକ ଫାଷ୍ଟ ଟ୍ରାକ୍ କୋର୍ଟରେ ୨୦୧୯ର ଜମ୍ବୁ ମେରାଇନ ଥାନା ଅଞ୍ଚଳର ଜଣେ ମହିଳାଙ୍କ ବଳାତ୍କାର ମାମଲା ଶୁଣାଣି ଶୁକ୍ରବାର ଶେଷ ହୋଇଛି। ଏହି ମାମଲାରେ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଜମ୍ବୁ ମେରାଇନ ଥାନା ଅନ୍ତର୍ଗତ ରାମନଗର ଗାଁର ବଙ୍କିମ ମଣ୍ଡଳଙ୍କୁ ୧୦ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଏଥିସହ ଜରିମାନା ବାବଦ ୪୦ ହଜାର ଟଙ୍କା ଅନାଦାୟରେ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା ଏ ସମ୍ପର୍କରେ ସୂଚନା ଦେଇଥିଲେ ଯେ, ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ବାପ ଘରେ ରହୁଥିଲେ। ୨୦୧୯ ନଭେମ୍ବର ୭ ଅପରାହ୍ନ ୨ଟାରେ ବଙ୍କିମ ପୀଡ଼ିତାଙ୍କ ଘର କବାଟ ବାଡେଇ ଥିଲେ। ଏହି ସମୟରେ ପୀଡିତାଙ୍କ ବାପା, ମାଆ ଓ ଭାଇ ଚାଷ କ୍ଷେତକୁ ଯାଇଥିଲେ। କବାଟ ଖୋଲିବା ପରେ ଜୋର ଜବରଦସ୍ତ ଭାବେ ପୀଡିତାଙ୍କୁ ବଳାତ୍କାର କରିଥିଲେ। ଏଥିସହ କାହାକୁ ଏ ସମ୍ପର୍କରେ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ତେବେ ପୀଡ଼ିତାଙ୍କ ବାପା ଘଟଣା ଝିଅ ନିକଟରୁ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ. ୧୨୧/୧୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୫ ଜଣଙ୍କ ସାକ୍ଷୀଙ୍କ ବୟାନ ନିଆଯାଇଥିବା ସରକାରୀ ଓକିଲ ଜେନା ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାସୁଦେବ


@ ବର୍ଷା


@ ପ୍ରଭଞ୍ଜନ


@ ନରେଶ


@ ସୂର୍ଯ୍ୟ ନାରାୟଣ


@ ଶିବ ପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫତେପୁର, ଏରଡଙ୍ଗାରେ ବ୍ୟାପୁଛି ଡେଙ୍ଗୁ

ରଘୁନାଥପୁର,୨୮।୧୦(ଡି.ଏନ୍.ଏ.)

- ୪ ପଜିଟିଭ, ଅନେକ ଜ୍ୱରରେ ପୀଡିତ
- ରକ୍ତନମୁନା ପରୀକ୍ଷା ପାଇଁ ଦେଉ ନାହାନ୍ତି ଲୋକେ

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଫତେପୁର ଗ୍ରାମ ଓ ନିକଟସ୍ଥ ଏରଡଙ୍ଗା ପଞ୍ଚାୟତରେ ଗତ ୧୦ ଦିନ ମଧ୍ୟରେ ଡେଙ୍ଗୁ କାୟା ବିସ୍ତାର କରିଚାଲିଛି। ଫତେପୁର ଗ୍ରାମରେ ୩ ଓ ଏରଡଙ୍ଗାରେ ଜଣେ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଅନେକ ବ୍ୟକ୍ତି ଜ୍ୱରରେ ପୀଡିତ ହୋଇଛନ୍ତି। ମାତ୍ର ରକ୍ତ ପରୀକ୍ଷା କରିବା ପରିବର୍ତ୍ତେ ଲୁଚାଛପାରେ ବଜାରରୁ ଔଷଧ କିଣି ଖାଉଛନ୍ତି। ମେଡିକାଲ ଟିମ୍ ରକ୍ତନମୁନା ସଂଗ୍ରହ ପାଇଁ ଗ୍ରାମକୁ ଆସୁଥିଲେ ସୁଧା ଅନେକ ଲୋକ ଜ୍ୱରରେ ପୀଡିତ ଥାଇ ସୁଦ୍ଧା ରକ୍ତ ପରୀକ୍ଷା ପାଇଁ ଦେଉନାହାନ୍ତି କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସହଯୋଗ କରୁ ନାହାନ୍ତି। ପୀଡିତ ବ୍ୟକ୍ତି ବାହାରେ ବୁଲିବା ଦ୍ୱାରା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଙ୍ଗୁ ବ୍ୟାପିବାର ଆଶଙ୍କା ରହିଛି। ଏହାଛଡ଼ା ଡେଙ୍ଗୁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ମଶାରି ଭିତରେ ରହିବା ପାଇଁ କୁହାଯାଉଥିଲେ ସୁଦ୍ଧା ସେମାନେ ପରାମର୍ଶକୁ ଗ୍ରହଣ କରୁନାହାନ୍ତି ବୋଲି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ସୁକାନ୍ତ କୁମାର ଦଳେଇ କହିଛନ୍ତି। ଏହା ମଧ୍ୟରେ ପରିବେଶକୁ ସଫାସୁତରା କରାଯିବା ସହ ମେଡିକାଲ ଟିମ ଗ୍ରାମରେ ପହଞ୍ଚି ପରିତ୍ୟକ ସ୍ଥାନଗୁଡ଼ିକୁ ବିଶୋଧନ କରିଛି। ଆଗାମୀ ଦିନରେ ଲୋକଙ୍କୁ ଅଧିକ ସଚେତନତା କରାନଗଲେ ଘରେ ଘରେ ଡେଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଶନିବାର ମେଡିକାଲ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ପୁଣି ରକ୍ତନମୁନା ସଂଗ୍ରହ କରିବ ବୋଲି ଡା. ଦଳେଇ ପ୍ରକାଶ କରିଛନ୍ତି।

# ବଦଳିନି ଆଦିବାସୀ ଅଧ୍ୟୁଷିତ ସାନ୍ତାଳପଡ଼ାର ଚିତ୍ର

ମହାକାଳପଡ଼ା,୨୮।୧୦(ଡି.ଏନ.ଏ.)



ମୂକସାକ୍ଷୀ ପାଲଟିଥିବା ସାନ୍ତାଳପଡ଼ା ଗାଁର ଏହି ଚାଳ ଛପର ଘରେ ଆଶ୍ରୟ ନେଇଥିବା ୧୦ ଜଣ ଲୋକ ସମୁଦ୍ରରେ ଭାସି ଯାଇଥିଲେ। ଗାଁକୁ ଯାଇଥିବା ଅଙ୍କାବଙ୍କା ରାସ୍ତା।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ନାଞ୍ଜୁରା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ପାଣିଖିଆର ସାନ୍ତାଳପଡ଼ା ଗାଁ ସମୁଦ୍ର ଆଁରେ ରହିଛି। ଅବହେଳିତ ସାନ୍ତାଳପଡ଼ାରେ ୧୯୯୯ ମହାବାତ୍ୟା ତାଣ୍ଡବ ରଚିଥିଲା। ସମୁଦ୍ର ଜୁଆରରେ ୧୫ରୁ ଅଧିକ ଲୋକଙ୍କ ଜୀବନ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା। ଏଥିମଧ୍ୟରେ ମହାବାତ୍ୟା ୨୩ଟି ବସନ୍ତ ଅତିକ୍ରମ କରିଛି। ତଥାପି ଅଦ୍ୟାବଧି ଗାଁର ଭୌଗୋଳିକ ଚିତ୍ର ବଦଳିବାର ନାଁ ଧରୁନାହିଁ। ଏହି ଗାଁରେ ମୋଟ ୪୭ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରୁଥିବା ଜଣାପଡିଛି। ଗାଁକୁ ଭଲ ରାସ୍ତାଟିଏ ନାହିଁ। କେହି ସରକାରୀ ଚାକିରି କରିନାହାନ୍ତି। ମାଛ, କଙ୍କଡା ଧରିବା ସହ ନିକଟ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ୧୯୯୯ ଅକ୍ଟୋବର ୨୯, ୩୦ ମହାବାତ୍ୟାର ବିଭୀଷିକା ଏବେବି ଲୋକଙ୍କ ମନରୁ ଲିଭିନି। ବାତ୍ୟା ନାଁ ଶୁଣିଲେ ସେହି କାଳ ରାତ୍ରିର କଥା ଲୋକମାନଙ୍କ ମନେ ପଡେ। ଚାହୁଁ ଚାହୁଁ ସେହି ରାତିରେ ଗାଁର ୧୫ ଜଣ ସମୁଦ୍ର ଗର୍ଭରେ ଭାସି ଯାଇଥିଲେ। ସମୁଦ୍ର ଏହି ଗ୍ରାମଠାରୁ ଖୁବ୍ ନିକଟରେ। ଗାଁକୁ ଘେରି ରହିଛି ଲୁଣା ଓ ହେନ୍ତାଳ ଜଙ୍ଗଲ। ବାତ୍ୟା ପ୍ରଭାବରେ ଗାଁ ଦାଣ୍ଡରେ ସମୁଦ୍ର ଜଳ ଲହଡ଼ି ମାଡ଼ି ଆସେ। ଲଘୁଚାପ ପ୍ରଭାବରେ ଏବେବି ସମୁଦ୍ର ଜଳ ଦାଣ୍ଡରେ ଲହଡ଼ି ଖେଳୁଛି।

**ମହାବାତ୍ୟାକୁ ପୂରିଲା ୨୩ ବର୍ଷ**

- ଏବେବି ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ସମୁଦ୍ର ଜୁଆର
- ଗାଁର ୧୫ ଲୋକଙ୍କ ଜୀବନ ସମୁଦ୍ରରେ ଯାଇଥିଲା

ଗାଁର ମୁରବି ଗୁରୁଭା ହାଁସଦାଙ୍କ କହିବା କଥା ୧୯୯୯ ମହାବାତ୍ୟାରେ ଗାଁର ସମସ୍ତ ଲୋକ ଉଚ୍ଚ ସ୍ଥାନରେ ଥିବା ଏକ ଚାଳ ଛପର ଘରେ ପରିବାର ସହ ଜୀବନ ବିକଳରେ ଆଶ୍ରୟ ନେଇଥିଲୁ। ରାତି ବଢ଼ିବା ସହ ପବନର ବେଗ ବେଳକୁ ବେଳ ବଢ଼ି ଚାଲିଥାଏ। ତାହା ସାଙ୍ଗକୁ ଅବିଶ୍ରାନ୍ତ ବର୍ଷା। ଚାହୁଁ ଚାହୁଁ ଆଖି ପିଛୁଳାକେ ପାଖ ସମୁଦ୍ରରୁ ମାଡ଼ି ଆସିଲା ୫ରୁ୬ ଫୁଟ୍ ଉଚ୍ଚର ସମୁଦ୍ର ଜୁଆର। କିଟି କିଟି ଅନ୍ଧାର ଭିତରେ ମୁହଁକୁ ମୁହଁ ଦିଶୁ ନ ଥାଏ। ଗାଁ ଡେଇଁ ସମୁଦ୍ର ଢେଉ ଆଶ୍ରୟ ନେଇଥିବା ଚାଳ ଛପର ଘର ଭିତରକୁ ମାଡ଼ି ଆସିଲା। ସମସ୍ତେ ହାତ ଧରାଧରି ହୋଇ ଘରର ମଝି ଖୁଣ୍ଟିକୁ ଜାବୁଡି ଧରିଲୁ। କିଛି ସମୟ ପରେ କାନ୍ଥ ଭୁଶୁଡ଼ିଲା ଓ ମୁଣ୍ଡ ଉପରୁ ଛପର ଉଡିଗଲା। ଘର ଭିତରେ ଅଣ୍ଟାଏ ପାଣିରେ ଘର ମଥାନକୁ ସବୁ ପିଲା ଛୁଆ ବୃଦ୍ଧାବୃଦ୍ଧ ଓ ମହିଳା ହାତ ଧରାଧରି ହୋଇ ଯାଇ ଆଶ୍ରୟ ନେବାକୁ ଚଢ଼ିଲୁ। ପବନର ବେଗ ଏତେ କ୍ଷିପ୍ର ହେଲା ମା' କୋଳରୁ ଦୁଇଶିଶୁ ପୁତ୍ର ଛିଟିକିପଡ଼ି ସମୁଦ୍ର ଢେଉରେ ଭାସିଗଲେ। ଅନ୍ୟପକ୍ଷରେ ଗାଁର କେତେଜଣ ଲୋକ ଆଶ୍ରୟ ନେଇଥିବା ସ୍ଥାନରୁ ୧୦ ଲୋକ ସମୁଦ୍ର କରାଳ ଗର୍ଭରେ ଲୀନ ହୋଇଗଲେ। ଅନ୍ୟ ୩ଜଣ ଲୋକ ଆଶ୍ରା ନେବା ପାଇଁ ଆସିବା ସମୟରେ ବାଟରେ ସମୁଦ୍ର ଅଶାନ୍ତ ଜୁଆରରେ ଭାସିଗଲେ। ଏବେ ବି ମୂକ ସାକ୍ଷୀ ହୋଇ ରହିଛି ଆଶ୍ରୟ ନେଇଥିବା ସେହି ଚାଳ ଛପର ଘର। ଗ୍ରାମର ଫଗଲ ମାରାଣ୍ଡି, ଗୁରୁଭା ହାଁସଦା, ରୂପାଲି ହେମ୍ବ୍ରମ୍ ପ୍ରମୁଖ ସେ ଦିନର କାଳ ରାତ୍ରି କଥା ବଖାଣିଛନ୍ତି। ସେହିପରି ଏହି ବ୍ଲକର ଶତାଧିକ ଚାଳ ଛପର ଘର ମାଟିରେ ମିଶି ଯାଇଥିଲା।

## ସଂକ୍ଷେପରେ

### ଘରପୋଡ଼ି ଅଭିଯୋଗରେ ଯୁବକ ଗିରଫ

**ପାଣିକୋଇଲି,୨୮।୧୦(ଡି.ଏନ.ଏ.):** ଘରପୋଡ଼ି ଅଭିଯୋଗରେ ପାଣିକୋଇଲି ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୋରେଇ ଥାନା ଅନ୍ତର୍ଗତ ତାହାରପୁର(ମୂଳିସରଗଡ଼ା)ଗ୍ରାମର ନିକୁ ଯେନା। ବ୍ୟାସନଗର ପୌରାଞ୍ଚଳ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ସନ୍ତରା ଗ୍ରାମର କରୁଣ ମଲିକଙ୍କ ସ୍ତ୍ରୀ ଦେବକୀ ମଲିକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୫ ତାରିଖରେ ତାଙ୍କ ଜ୍ୱାଇଁ ନିକୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ନିକୁ ଆସି ପ୍ରଥମେ ତାଙ୍କ ଝିଅ ଓ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପରେ ରାତ୍ରି ପ୍ରାୟ ୮ଟା ସମୟରେ ଚାଳ ଘରେ ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ସହ ନିକୁଙ୍କୁ ଅଟକ ରଖିଥିଲେ। ମାତ୍ର ରାତ୍ର ପ୍ରାୟ ୨ଟାରେ ନିକୁ ଶୌଚ ବାହାନାରେ ଫେରାର ହୋଇ ଯାଇଥିଲେ। ଏନେଇ ଦେବକୀ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୨୪୪/୨୨ ରୁଜୁ କରି ତଦନ୍ତ ଜାରି ରଖିଛି।

### ଡିଜେ ଗାଡ଼ିରୁ ଚୋରି

**ପାଣିକୋଇଲି,୨୮।୧୦(ଡି.ଏନ.ଏ.):** କୋରେଇ ବ୍ଲକ୍ ଗୋଳେଇପୁର ପଞ୍ଚାୟତ ଟିକର (ସାନ ବିରୁହାଁ) ଗ୍ରାମର ଏକ ଡିଜେ ଗାଡିରୁ ଲକ୍ଷାଧିକ ଟଙ୍କାର ଡିଜେ ମେସିନ ଚୋରି ହୋଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଟିକର ଗ୍ରାମର ଧର୍ମେନ୍ଦ୍ର ଦଳାଇଙ୍କ ଡିଜେ ଗାଡିଟି ଗୁରୁବାର ପୂର୍ବଭଳି ତାଙ୍କ ଗ୍ରାମର ହନୁମାନ ମନ୍ଦିର ନିକଟରେ ରହିଥିଲା। ଏଥିରେ ମେଶିନ ମଧ ରହିଥିଲା। ହେଲେ ଶୁକ୍ରବାର ଉକ୍ତ ଗାଡ଼ିରୁ ଚାବି ଭଙ୍ଗାଯାଇ ସମସ୍ତ ମେଶିନ ଚୋରି ହୋଇଥିବା ଜଣା ପଡ଼ିଥିଲା। ଏହାପରେ ଧର୍ମେନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ଏହି ଚୋରିରେ ସମ୍ପୃକ୍ତି ଥିବା ଦୁଇ ଜଣଙ୍କ ନାମ ମଧ ସେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଅସହାୟ ମହିଳା ଉଦ୍ଧାର



**ପାଣିକୋଇଲି, ୨୮।୧୦ (ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମହିନ୍ଦ୍ରା ଶୋରୁମ ନିକଟରୁ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଚିକଣା ପଞ୍ଚାୟତ ଭେଲଙ୍ଗା ଗ୍ରାମର ଦିଲୀପ ମଲିକଙ୍କ ସ୍ତ୍ରୀ ମିନତି ମଲିକ। କୌଣସି କାରଣ ବଶତଃ ସେ ଘରୁ ପଳାଇ ଆସିଥିଲେ। ମହିନ୍ଦ୍ରା ଶୋରୁମ ନିକଟରେ ବସିଥିବାବେଳେ ସ୍ଥାନୀୟ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍ ସଂଘ ସଭାପତି ଅଶୋକ କୁମାର ଦାସ, ସମାଧାନ ଦାସ ପ୍ରମୁଖ ତାଙ୍କୁ ଦେଖିଥିଲେ। ମହିଳାଜଣକ ମଧ ଆହତ ହୋଇଥିବା ଦେଖିବାକୁ ମିଳିଥିଲା। ଏସ୍ଆଇ ଅଶୋକ କୁମାର ବଳ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବାସହ ତା'ଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଘରକୁ ନେଇଥିଲେ।

### ଧର୍ମଶାଳା ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା,୨୮।୧୦(ଡି.ଏନ.ଏ.):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଧାମନଗର ଗସ୍ତରେ ଯାଉଥିବାବେଳେ ଧର୍ମଶାଳା ଭାଜପା ପକ୍ଷରୁ ଜାରକାଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୧୬ନଂ. ଜାତୀୟ ରାଜପଥର ଜାରକା ସିନେମାହଲ ନିକଟରେ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ବିଭୁତି ଭୁଷଣ ଜେନା, ମଣ୍ଡଳ ସଭପତି ପ୍ରସନ୍ନ ମାହୁନ୍ତ, କୃଷକ ମୋର୍ଚ୍ଚା ସଭାପତି ବନମାଳି ରାଉତ, ମଣ୍ଡଳ ସଭାପତି କୁଳମଣି ମଲିକ, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ ଦାସ ଓ ଆରତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଡାକ୍ତରଖାନାରେ ଦଲାଲରାଜ୍

- କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା
- ଭିତିରିଆ ବୁଝାମଣାରେ ଲିପ୍ତ ଡାକ୍ତରମାନଙ୍କୁ ତାଗିଦ
- ଡାକ୍ତରଖାନାର ପ୍ରବେଶ ଦ୍ୱାରରେ ଓଡ଼ିଆରେ ସ୍ପଷ୍ଟ ସୂଚନା ରହିବ




**ଯାଜପୁର ଅଫିସ,୨୮।୧୦**

ପ୍ରମୁଖ ସରକାରୀ ଡାକ୍ତରଖାନାଗୁଡ଼ିକରେ ଦଲାଲମାନେ ସକ୍ରିୟ ରହୁଥିବାରୁ ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି। ସରକାର ମାଗଣାରେ ଅନେକ ଚିକିତ୍ସାସେବା, ଔଷଧ, ରୋଗ ନିରୂପଣ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଦଲାଲମାନେ ରୋଗୀଙ୍କୁ ମିଛ କଥା କହି ଘରୋଇ ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକୁ ନେଇଯାଉଛନ୍ତି। ଫଳରେ ଯାହା ମାଗଣାରେ ହୋଇପାରନ୍ତା ତାହା ବିପୁଳ ଅର୍ଥ ବ୍ୟୟରେ କରାଯାଉଛି। ଲୋକେ ଏନେଇ ଅଭିଯୋଗ କରିଆସୁଥିବାବେଳେ ଏବେ ଖୋଦ୍ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହିକ୍ରମରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସରକାରୀ ଡାକ୍ତରଖାନଗୁଡ଼ିକରେ ନିୟୋଜିତ ଦଲାଲମାନଙ୍କୁ ଚିହ୍ନଟ କରି ଏବଂ ଏମାନଙ୍କୁ ଭିତିରିଆ ସହଯୋଗ କରୁଥିବା ଡାକ୍ତର, ପାରା ମେଡକାଲ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଗୁରୁବାର ସେ ନିର୍ଦ୍ଦେଶ ଜାରି କରିଛନ୍ତି।

ସରକାରୀ ଡାକ୍ତରଖାନାଗୁଡ଼ିକରେ ଉଚ୍ଚତର ଚିକିତ୍ସା ସେବାକୁ ଏଯାଏ ତ୍ୱରାନ୍ୱିତ କରାଯାଇ ପାରିନାହିଁ। ଏହାର ଉଦାହରଣ ଭାବେ ଯାଜପୁର ଜିଲା ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ଉଦାହରଣ ଭାବେ ନିଆଯାଇପାରେ। ଏହି ସହରକୁ ଲାଗି କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେବା ପରେ ଲୋକସଂଖ୍ୟା ଦେଢ଼ ଲକ୍ଷ ଟପିଲାଣି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଭଲ ସରକାରୀ ଡାକ୍ତରଖାନାଟିଏ ଏଠାରେ ନାହିଁ। ଏଠାରେ ଉପଖଣ୍ଡସ୍ତରୀୟ ଡାକ୍ତରଖାନା, ୧୦୦ ବେଡ୍ ବିଶିଷ୍ଟ ସୁପରସ୍ପେଶିଆଲିଟି ଡାକ୍ତରଖାନା, ଯାଜପୁରରୋଡ୍ ସିଏଚ୍‌ସିକୁ ଉନ୍ନତୀକରଣ ଆଦି ପ୍ରତିଶ୍ରୁତିରେ ଅଟକିଛି। କିଡ୍‌ନୀ, ଯକ୍ଷ୍ମା, ଜ୍ୱର, ଝାଡ଼ାବାନ୍ତି, ହଇଜା ଓ ଅନ୍ୟାନ୍ୟ ପେଟ ରୋଗ ଏ ଅଞ୍ଚଳ ପାଇଁ ସାଧାରଣ କଥା। କିନ୍ତୁ ସରକାରୀସ୍ତରରେ ଅବହେଳା ଏବଂ ରାଜନୈତିକ ନେତୃବର୍ଗଙ୍କ ଉଦାସୀନତା ଯୋଗୁ ଚିକିତ୍ସାସେବା ନାମରେ ୩୦ଶଯ୍ୟା ବିଶିଷ୍ଟ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଲୋକସଂଖ୍ୟା ତୁଳନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯଥେଷ୍ଟ ନୁହେଁ। ଲୋକଙ୍କ ଘନଘନ ଅଭିଯୋଗ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, ଔଷଧ ନାହିଁ। ହେଲେ କେହି ଶୁଣୁନାହାନ୍ତି। ଏହାର ସୁଯୋଗରେ ସହରର ଅଧିକାଂଶ ମେଡିକାଲ ଷ୍ଟୋରରେ ଡାକ୍ତର ପରାମର୍ଶ ଏବଂ କ୍ଲିନିକଗୁଡ଼ିକରେ ଚିକିତ୍ସା ଯୋଗାଇ ଦିଆଯାଇ ରୋଗୀମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଏହା କେବଳ ଯାଜପୁର ଜିଲାର କଥା ନୁହେଁ ସାରା ରାଜ୍ୟରେ ଅନୁରୂପ ସ୍ଥିତି। ଦଲାଲମାନେ ସୁଯୋଗକୁ ହାତଛଡା କରୁନାହାନ୍ତି। ଏପରିକି ସରକାରୀ ଡାକ୍ତରଖାନାରେ ନିୟୋଜିତ କେତେଜଣ ଡାକ୍ତର ସେମାନଙ୍କ କ୍ଲିନିକକୁ ରୋଗୀମାନଙ୍କୁ ପଠାଇବା ପାଇଁ ଦଲାଲମାନଙ୍କ ସହ ଭିତିରିଆ ବୁଝାମଣା ରହୁଛି। ଏହି କ୍ରମରେ ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜଗୁଡ଼ିକର ସମସ୍ତ ଡିନ୍ ଓ ପ୍ରିନ୍ସିପାଲ, ସୁପରିଣ୍ଟେଣ୍ଡେଣ୍ଟ, ବୁର୍ଲା ମେଡିକାଲ କଲେଜର ନିର୍ଦ୍ଦେଶକ, ସମସ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ)ମାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ କଡ଼ାକଡ଼ି ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶନାମାରେ ଆହୁରି ଦର୍ଶାଇଛନ୍ତି ଯେ, ଦଲାଲମାନେ ସରକାରୀ ଡାକ୍ତରଖାନା ପରିସରକୁ ବେଆଇନ ଭାବେ ପରିଚାଳନା କରୁଛନ୍ତି। ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ ବେସରକାରୀ ଡାକ୍ତରଖାନା ଓ କ୍ଲିନିକଗୁଡ଼ିକରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ପ୍ରଲୋଭନ ଦେଖାଇ ସେମାନେ ଅର୍ଥ ଦାବି କରୁଛନ୍ତି। ସରକାରୀ ଡାକ୍ତରଖାନାଗୁଡ଼ିକରେ ଉପଯୁକ୍ତ ଚିକିତ୍ସା ସୁବିଧା ନାହିଁ ବୋଲି କହି ସେମାନେ ଏଭଳି ଲାଭ ଉଠାଉଛନ୍ତି। ତେଣୁ ଏହି ବେଆଇନ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ସ୍ଥାନୀୟ ପୋଲିସର ସହଯୋଗ ନେବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ସରକାରୀ ଡାକ୍ତରଖାନାର ପ୍ରବେଶ ଦ୍ୱାର ଏବଂ ସମସ୍ତ ବିଭାଗରେ ଇଂଲିଶ ଏବଂ ଓଡ଼ିଆରେ ସ୍ପଷ୍ଟ ଭାବେ ସୂଚନା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହାକୁ ଅତି ଜରୁରୀ ବୋଲି ଗ୍ରହଣ କରିବାକୁ ତାଗିଦ କରାଯାଇଛି।

### ଟ୍ରାକ୍ଟର ଧକ୍କାରେ ୩ ଗୁରୁତର

**ପାଣିକୋଇଲି,୨୮।୧୦(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ରୁଢିଆ ନିକଟରେ ଶୁକ୍ରବାର ଅପରାହ୍ନରେ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳିକାଙ୍କ ସମେତ ୨ ନାବାଳକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ ରୁଢ଼ିଆ ନିକଟରେ କନଷ୍ଟ୍ରକ୍‌ଶନ କାମ କରୁଥିବା ଏକ ଟ୍ରାକ୍ଟର ମାଟି ବୋଝେଇ କରି ଢାଳୁଥିବା ସମୟରେ ଟ୍ରାକ୍ଟର ଡ୍ରାଇଭର ପଛକୁ ନ ଦେଖି ଭୁଲବଶତଃ ଗାଡି ଗଡ଼ାଇଥିଲେ। ଫଳରେ ପଛରେ ଥିବା ଏକ ନାମ ଫଳକ ଭାଙ୍ଗି ସେଠାରେ ଖେଳୁଥିବା ୩ଜଣ ପିଲାଙ୍କ ଉପରେ ପଡିଯାଇଥିଲା। ସ୍ଥାନୀୟ ଲୋକମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟ୍ରୋଲିଂ ଏସ୍ଆଇ ଅଶୋକ ବଳ, ପ୍ରକାଶ ପ୍ରଧାନ, କନଷ୍ଟେବଳ ମନମୋହନ ବାରିକ, ମୃତ୍ୟୁଞ୍ଜୟ ପହି ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତରମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଥିଲେ। ଗୁରୁତରମାନେ ରୁଢିଆ ଗ୍ରାମର ପ୍ରଦୀପ ଜେନାଙ୍କ ପୁଅ ସାଇ ଜେନା(୪), ସୁବାସ ଜେନାଙ୍କ ଝିଅ ଲିଜା ଜେନା (୧୪), ବାବୁଲି ମହାକୁଡଙ୍କ ପୁଅ ଆୟୁଷ ମହାକୁଡ(୧ ବର୍ଷ ୫ମାସ) ବୋଲି ଜଣାପଡ଼ିଛି।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ




ଗୋକର୍ଣ୍ଣିକା ସାହିତ୍ୟ ସମାଜ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୮।୧୦(ଡି.ଏନ.ଏ.)**

ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଶୁକ୍ରବାର ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବକୁ ପ୍ରଫେସର ଧରଣୀଧର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଗ୍ରାମାଞ୍ଚଳରୁ ଗୋକର୍ଣ୍ଣିକା ସମ୍ଭ୍ରାନ୍ତ ପତ୍ରିକା ପ୍ରକାଶିତ ହୋଇ ସମଗ୍ର ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ମତପ୍ରକାଶ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ବରେଣ୍ୟ ଅତିଥିଭାବେ ଯୋଗଦେଇ ପ୍ରକୃତ ସାହିତ୍ୟ ଗ୍ରାମାଞ୍ଚଳରେ ରହିଛି, ସ୍ରଷ୍ଟା ତା'ର ଅନୁଭବ ଅନୁଭୂତି ଓ ଦର୍ଶନକୁ ତା' ସୃଷ୍ଟି ମାଧ୍ୟମରେ ପ୍ରକାଶ କରିବାକୁ ଜୀବନବ୍ୟାପୀ ସାଧନାରେ ମଗ୍ନ ରହେ; ଗୋକର୍ଣ୍ଣିକା ସାହିତ୍ୟ ପତ୍ରିକା ଗୋଟିଏ ଯୌବନକୁ ପ୍ରତିନିଧିତ୍ୱ କରେ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ୟାସନଗର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ଶତପଥୀ ଯୋଗଦେଇ ଏହି ଅନୁଷ୍ଠାନ ବହୁ ଲେଖକ ଲେଖିକା ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କୋରେଇ ମଣ୍ଡଳ ସାହିତ୍ୟ ସମାଜ ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ପ୍ରଫୁଲ୍ଲ କୁମାର ଶତପଥୀ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ସମାଜ ପରିବର୍ତ୍ତନରେ ସାହିତ୍ୟ ଓ ସାହିତ୍ୟ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ ଓ ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତଙ୍କୁ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖବରଦାତା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ୍ ଓ ସୀତାକାନ୍ତ ସାମଲଙ୍କୁ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରଫେସର ବିଜୟ ଶତପଥୀ, ଡ. ରାଜକିଶୋର ପାଢ଼ୀ, କବି ସଂଗ୍ରାମ ଜେନା, କନକ ମଞ୍ଜରୀ ସାହୁ, ରଶ୍ମିତା ବାରିକ, ଗାୟତ୍ରୀ ନାୟକ, କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ ଓ ଗଣେଶ୍ୱର ବେହେରା ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ରଗୁଡ଼ିକୁ ବିଜୟ ନାୟକ, ଗାୟତ୍ରୀ ନାୟକ, ପ୍ରତାପରୁଦ୍ର ପଣ୍ଡା, ନାରାୟଣ ନନ୍ଦ, ଡ. ମହେଶ୍ୱର ଜେନାସାମନ୍ତ, ପ୍ରଦୀପ ସାମଲ ପାଠ କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଗୋକର୍ଣ୍ଣିକା ସହସମ୍ପାଦକ ଡ. ତୁହିନାଂଶୁ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ଆବୃତ୍ତି କରିଥିବାବେଳେ ଅଧ୍ୟାପକ ବିଜୟ ନାୟକ ମଞ୍ଚ ଆମନ୍ତ୍ରଣ କରିଥିଲେ। ଶେଷରେ ସଂଗ୍ରାମ କେଶରୀ ଜେନା ଧନ୍ୟବାଦ ଦେଇଥିଲେ।

### ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

**ଧର୍ମଶାଳା,୨୮।୧୦(ଡି.ଏନ.ଏ.)**

ଜେନାପୁର ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ସହିତ ସେହି ମୁହୂର୍ତ୍ତର ଭିଡିଓ ଭାଇରାଲ ଅଭିଯୋଗରେ ପୋଲିସ ୩ଜଣ ନାବାଳକଙ୍କୁ କାବୁ କରି କୋର୍ଟରେ ହାଜର କରାଇବା ପରେ ବାଳ ସୁଧାର ଗୃହରେ ଛାଡ଼ିଛି। ଛାତ୍ରୀଙ୍କୁ ଏକାଦେଖି ନାବାଳକମାନେ ତାଙ୍କୁ ଅସଦାଚରଣ କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀଙ୍କ ପରିବାରକୁ ଉକ୍ତ ଭିଡିଓ ପଠାଇ ୨୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ତେବେ ଛାତ୍ରୀଙ୍କ ପରିବାର ରାଜି ନ ହେବାରୁ ସେମାନେ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏନେଇ ଛାତ୍ରୀଙ୍କ ବାପା ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପାଣିକୋଇଲିରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଣିକୋଇଲି,୨୮।୧୦(ଡି.ଏନ.ଏ.)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧାମନଗର ଗସ୍ତ ସମୟରେ କୋରେଇ ନିର୍ବାଚନମଣ୍ଡଳୀର ପାଣିକୋଇଲିଠାରେ ଭାଜପା ଯୁବନେତା ଇଂ. ଆଲେକଜାଣ୍ଡାର ଦାସଙ୍କ ନେତୃତ୍ୱରେ କର୍ମୀ ଏକତ୍ରିତ ହୋଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ୟାସନଗର ମଣ୍ଡଳ ଉପସଭାପତି ମନୋଜ ଦାସ, ଅରୁଣ ଦାସ, ଗଣେଶ ମାଝି, ପୂର୍ବତନ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ, କାଇପଦର ମଣ୍ଡଳ, ପ୍ରବୀର ମଣ୍ଡଳ, ବି. ମୋହନ, ନୃସିଂହ ପଲେଇ, ମନୋରଞ୍ଜନ ନାୟକ, ଏଲ୍‌ଡି ଆନସାରି, ବିଜୁ ପ୍ରଧାନ, ଜଗଦୀଶ ମଣ୍ଡଳ, କରୁଣାକର ମାଝୀ, ଜୟକୃଷ୍ଣ ସାହୁ, ନିରଞ୍ଜନ ପେରେଇଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନାବାଳିକା ମୁଣ୍ଡରେ ପରିବାର ବୋଝ

**ବାପାଙ୍କ ମୃତ୍ୟୁ ପରେ ଘରର ରୋଜଗାର ଠପ୍**




ମୃତ ଅମରେନ୍ଦ୍ରଙ୍କ ପରିବାର।

**ବିଞ୍ଝାରପୁର,୨୮।୧୦(ଡି.ଏନ.ଏ.)**

ବାପାଙ୍କ ମୃତ୍ୟୁ ପରେ ନାବାଳିକା ଝିଅ ସମ୍ଭାଳିଛନ୍ତି ପରିବାର ବୋଝ। ଟିଉଶନ କରି ସେ ଯାହା ରୋଜଗାର କରୁଛନ୍ତି ସେଥିରେ ୩ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ଉଡରଙ୍ଗ ପଞ୍ଚାୟତର ସାଇଁକୂଳ ଗ୍ରାମରେ। ସାଇଁକୂଳ ଗ୍ରାମର ଅମରେନ୍ଦ୍ର ପଣ୍ଡା(୪୨)ଙ୍କର ଚଳିତବର୍ଷ ଜୁନ୍ ୨୦ ତାରିଖରେ ସଡ଼କ ଦୁର୍ଘଟଣାରେ ଆକସ୍ମିକ ମୃତ୍ୟୁ ହୋଇଛି। ସେ ଥିଲେ ପରିବାରର ଏକମାତ୍ର ରୋଜଗାରିଆ। ଅମରେନ୍ଦ୍ରଙ୍କ ପରିବାରରେ ସ୍ତ୍ରୀ ମମତାମୟୀ ପଣ୍ଡା, ୧୭ ବର୍ଷୀୟା ଝିଅ ରତ୍ନପ୍ରଭା ଓ ୧୧ ବର୍ଷୀୟ ପୁଅ ଜିତେନ୍ଦ୍ର ପଣ୍ଡା ଅଛନ୍ତି। ଅମରେନ୍ଦ୍ରଙ୍କ ମୃତ୍ୟୁ ପରେ ଏବେ ଅଭାବ ଅସୁବିଧାରେ ଦିନ କାଟୁଛନ୍ତି ତାଙ୍କ ପରିବାର। ଅମରେନ୍ଦ୍ର ଯାଜପୁରର ଏକ ଦୋକାନରେ କାମକରି ଜାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ହସ ଖୁସିରେ ଚଳି ଯାଉଥିଲା। କିନ୍ତୁ ଅମରେନ୍ଦ୍ରଙ୍କ ମୃତ୍ୟୁପରେ ସବୁକିଛି ଓଲଟ ପାଲଟ ହୋଇଯାଇଛି। ମାଟ୍ରିକ ପାସ କରିଥିବା ନାବାଳିକା ଝିଅ ରତ୍ନପ୍ରଭା ନିଜର ପାଠପଢ଼ା ଛାଡ଼ି ଘରର ଦାୟିତ୍ୱ ମୁଣ୍ଡାଇଛନ୍ତି। ଗ୍ରାମର ଛୋଟଛୋଟ ପିଲାଙ୍କୁ ଟିଉସନ କରି ରତ୍ନପ୍ରଭା ଯାହା ରୋଜଗାର କରୁଛନ୍ତି ସେଥିରେ ଏବେ ପରିବାର ଚଳୁଛି। ମାତ୍ର ଅଦ୍ୟାବଧି ମମତାମୟୀଙ୍କୁ ମିଳିନି ବିଧବା ଭତ୍ତା କି ସରକାରୀ ସହାୟତା। ଭଙ୍ଗା କୁଡିଆରେ ଦିନ କାଟୁଛନ୍ତି ଅମରେନ୍ଦ୍ରଙ୍କ ପରିବାର। ଫଳରେ ଭୋକ ଉପାସରେ ଦିନ କାଟୁଥିବା ମମତାମଇଙ୍କ ପରିବାର ଘର ଛପର କରିବେ କେମିତି ତାକୁନେଇ ଏବେ ଚିନ୍ତାରେ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସରପଞ୍ଚ ରୁପଶ୍ରୀ ଯେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସମ୍ପୃକ୍ତ ପରିବାରକୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ।

## ବ୍ରହ୍ମବରଦାରେ ଗିରିଗୋବର୍ଦ୍ଧନ ପୂଜା



**ବ୍ରହ୍ମବରଦା,୨୮।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଛେନେଖିଆପାଟଣା ଗ୍ରାମର ଗୋପୀନାଥ ଜୀଉ ମନ୍ଦିର ପ୍ରଙ୍ଗଣରେ ୪୧ତମ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ସୂର୍ଯ୍ୟୋପରାଗ ଯୋଗୁ ଗୋଟିଏ ଦିନ ବିଳମ୍ବରେ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ପୂଜକ ଦୀନବନ୍ଧୁ ପତି ଓ ଶ୍ରୀଧର ପାଢ଼ୀଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣୀ ନଦୀରୁ ଜଳ କଳସ ଅଣାଯିବା ପରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ୫ ଦିନ ଧରି ଅନୁଷ୍ଠିତ ହେବ। ପୂଜାର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଚିତ୍ର ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ମଦନ ବେହେରା, ଗୋପୀନାଥ ବେହେରା, ଗିରିଧାରି ବେହେରା, ଦୈତାରୀ ଗିରି, ବାଇଧର ବେହେରା, ସନାତନ ମଣ୍ଡଳ, ଅରୁଣ କୁମାର ବେହେରା, ଚିତ୍ତରଞ୍ଜନ ବେହେରା, ବାଦଲ ବେହେରା, ବିଦ୍ୟାଧର ବେହେରା, ମଧୁସୂଦନ ଗିରି, ବିନୋଦ ବେହେରା, ପ୍ରତାପ ବେହେରା ଓ ପ୍ରଭାତ ବେହେରାଙ୍କ ସହିତ କମିଟିର ଅନ୍ୟା ସଦସ୍ୟ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

### ମେସ୍କୋ କାରଖାନା ସମ୍ମୁଖରେ ଗଣଧାରଣା

**କଳିଙ୍ଗନଗର,୨୮।୧୦(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ମେସ୍କୋ ଷ୍ଟିଲ କାରଖାନା ୧୯୯୩ ମସିହାରେ ୫୧୩ ଏକର ପରିମିତ ସ୍ଥାନରେ ସ୍ଥାପିତ ହୋଇଥିବା ବେଳେ ୨୦୦ ପରିବାର ଏଥିପାଇଁ ବିସ୍ଥାପିତ ହୋଇଥିଲେ। କିନ୍ତୁ ଏବେ କାରଖାନା ୩ ବର୍ଷ ହେଲା ବନ୍ଦ ପଡିଛି। ତେଣୁ ଏହାକୁ ପୁନଃ କାର୍ଯ୍ୟକ୍ଷମ ଦାବିରେ କର୍ମଚାରୀମାନଙ୍କ ପକ୍ଷରୁ ଶୁକ୍ରବାରଠାରୁ କାରଖାନା ଫାଟକ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କାରଖାନା କର୍ତ୍ତୃପକ୍ଷ, ପ୍ରଶାସନ ଓ ସରକାରଙ୍କ ନିକଟରେ କାରଖାନା ଖୋଲିବାକୁ ବାରମ୍ବାର ଦାବି ହେଉଛି। ମାତ୍ର ସମୟ ଗଡ଼ି ଚାଲିଥିଲେ ମଧ କାରଖାନା ଖୋଲିବା ନେଇ କୌଣସି ନିର୍ଦ୍ଦିଷ୍ଟ ବାଟ ବାହାରି ପାରୁନାହିଁ। କାରଖାନା ଖୋଲିବା ନେଇ କୌଣସି ବାଟ ଖୋଲୁ ନ ଥିବାରୁ କର୍ମଚାରୀ ଉତ୍ତେଜିତ ହୋଇଛନ୍ତି। କାରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ଯାଏଁ ଚଳିତ ଆନ୍ଦୋଳନ ଜାରି ରହିବ ବୋଲି କାରଖାନା କର୍ମଚାରୀମାନେ ସୂଚନା ଦେଇଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ କୌଣସି ନିର୍ଯାସ ନ ବାହାରିଲେ କର୍ମଚାରୀ ଆଇନକୁ ହାତକୁ ନେବାକୁ ପ୍ରସାଶନକୁ ଚେତାବନୀ ଦେଇଛନ୍ତି।

## ଜବରଦଖଲରେ ଗୋଚରଜମି

**ତହସିଲଦାରଙ୍କୁ ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

**ରସୁଲପୁର,୨୮।୧୦(ଡି.ଏନ.ଏ.)**

ରସୁଲପୁର ତହସିଲ ଅଧୀନସ୍ଥ ସୁଆଁସାହି ଗ୍ରାମରେ ଶତାଧିକ ଏକର ଗୋଚର ଜମି ଜବରଦଖଲ କରାଯାଇଛି। ସୁଆଁସାହି ଦଳିତ ସାହିର ଏକାଧିକ ଜବର ଦଖଲକାରୀ ଜମି ଦଖଲ କରି ଚାଷ କାର୍ଯ୍ୟ କରୁଛନ୍ତି। ଏହାକୁ ସେହି ଗ୍ରାମ ଗୋପାଳ ସାହିର ଶତାଧିକ ଲୋକ ବିରୋଧ କରିଛନ୍ତି। ଏନେଇ ସେମାନେ ରସୁଲପୁର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଘଟାଣସ୍ଥଳ ପରିଦର୍ଶନ କରିବା ସହ ଗୋଚର ଜମିକୁ ଚାଷ ନ କରିବାକୁ ଜବର ଦଖଲକାରୀମାନଙ୍କୁ ଚେତାବନୀ ଦେଇଛନ୍ତି। ତେବେ ରାଜସ୍ୱ ନିରୀକ୍ଷକ ଚାଲିଯିବା ପରେ ଦଖଲକାରୀମାନେ ପୁଣି ଟ୍ରାକ୍ଟର ଯୋଗେ ଜମି ଚାଷ କରିଥିବା ଜଣାଯାଇଛି। ତହସିଲଦାରଙ୍କ ବାରଣ ସତ୍ତ୍ୱେ ଦଖଲାକାରୀମାନେ ଆଇନକୁ ହାତକୁ ନେଇଥିଲେ ମଧ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ନେଇ ଗ୍ରାମରେ ମେଳି ଦେଖାଦେଇଛି। ସନ୍ଧ୍ୟାରେ ଗାଁରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେଉଛି। ଏନେଇ ଆସନ୍ତା ୩୧ ତାରିଖରେ ଗ୍ରାମବାସୀଙ୍କ ଦ୍ୱାରା ଯାଜପୁର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯିବ। ଆବଶ୍ୟକ ପଡ଼ିଲେ ଗ୍ରାମବାସୀ ଆଇନର ସହାୟତା ନେବେ ବୋଲି ସୂଚନା ଦେଇଛନ୍ତି।

ପ୍ରକାଶ ଯେ ଏକାଧିକ ବର୍ଷଧରି ଦଖଲକାରୀମାନେ ଗୋଚର ଜମି ଜବର ଦଖଲକରି ବେଆଇନ ଭାବରେ ଚାଷ ଜମିରେ ପରିଣତ କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଦଖଲକାରୀମାନଙ୍କୁ ପଚାରିବାରୁ ଏହି ଜମିକୁ ସରକାର ସେମାନଙ୍କୁ ଦାନ କରିଛନ୍ତି ବୋଲି ମତ ରଖିଥିଲେ। ଏହା ଜାଣି ଗ୍ରାମର ଲୋକଙ୍କ ମନରେ ସନ୍ଦେହଜାତ ହୋଇଥିଲା। ତେଉର ସେମାନେ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ହାସଲ କରି ଜାଣିବାକୁ ପାଇଲେ ଜବରଦଖଲରେ ଥିବା ଜମିଗୁଡିକ ଗୋଚର କିସମର। ମିଳିଥିବା ତଥ୍ୟ ଅନୁଯାୟୀ, ସୁଆଁସାହି ମୌଜାର ଖାତା ନଂ–୪୬୯, ଖସଡ଼ା ୧୨୧୪୦ାରୁ ୧୨୩୬ ପର୍ଯ୍ୟନ୍ତ ମୋଟ ୨୨ଟି ପ୍ଲଟ ଦଖଲକାରୀଙ୍କ କବ୍‌ଜାରେ ରହିଛି। ପୂର୍ବରୁ ଦଖଲ ଜମି ଉପରେ କଂଟାଭେଡି ଓ ଚାରଣଭୂଇଁ ଥିଲା। ଏହି ଭେଡ ଓ ଭୂଇଁ ଉପରେ ଗୋପାଳ ସମ୍ପ୍ରଦାୟର ଗୋରୁ, ମେଣ୍ଢା ଛେଳି ଆଦି ଚରୁଥିଲେ। ଗୋଚର ଜମି ଜବରଦଖଲ ହୋଇଯିବା ପରେ ଗୋଚାରଣ ଭୂଇଁ ସଂକୁଚିତ ହୋଇଯାଉଛି। ଗୋରୁଙ୍କୁ ଚାରଣ ଭୂଇଁ ମିଳୁନାହିଁ। ଗୋପାଳ ସଂପ୍ରଦାୟର କୌଳିକ ବୃତ୍ତି ସଂକଟ ମଧ୍ୟକୁ ଠେଲି ହୋଇଯାଉଛି। ଏହାକୁ ନେଇ ଏହି ସଂପ୍ରଦାୟର ଲୋକେ ବାରମ୍ବାର ବିଭିନ୍ନ ସ୍ଥାନରେ ଅଭିଯୋଗ କରିଆସୁଥିଲେ ମଧ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ତଥାପି ଜବର ଦଖଲକାରୀମାନେ ଏହାକୁ ଭୃକ୍ଷେପ ନ କରି ଜମି ଜବର ଦଖଲ କରୁଛନ୍ତି। ଏ ଦିଗରେ ପ୍ରଶାସନ ଟାଳଟୁଳ ନୀତି ଯୋଗୁଁ ଏଭଳି ଘଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ୧୪୦୦ଲିଟର ପୋଚ ନଷ୍ଟ

**ପାରଳାଖେମୁଣ୍ଡି,୨୮।୧୦ (ଡି.ଏନ୍.ଏ.):** ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ସଦର ଅବକାରୀ ବିଭାଗ ଏବଂ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ଅଙ୍ଗେଡା-ଭୂୟାଁ ସାହି ଗ୍ରାମାଞ୍ଚଳର ପାହାଡିଆ ଝରଣା ନିକଟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମୋଟ ୧୪୦୦ ଲିଟର ମହୁଲ ପୋଚ ସହ ୬୦ଲିଟର ଦେଶୀମଦ ଠାବ କରି ଏଗୁଡିକୁ ନଷ୍ଟ କରାଯାଇଛି। ଏହା ସହ ବିଭିନ୍ନ ମଦ ରନ୍ଧା ସାମଗ୍ରୀ ମଧ ଜବତ ହୋଇଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ। ତେବେ ଅବକାରୀ ଟିମ୍‌କୁ ପୂର୍ବରୁ ଦେଖି ମଦମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାର ସୂଚନା ପ୍ରଦାନ କରାଯାଇଛି ।

### ପୋଲିସର ଯାନବାହନ ଯାଞ୍ଚ

**ସୋରଡା,୨୮।୧୦(ଡି.ଏନ୍.ଏ.):** ସୋରଡା ପୋଲିସର ଯାନବାହନ ଯାଞ୍ଚ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଥାନା ସମ୍ମୁଖ ଜାତୀୟ ରାଜପଥରେ ବିନା ହେଲମେଟରେ ଯାଉଥିବା ବାଇକ ଚାଳକମାନଙ୍କୁ ଅଟକାଇ ଜରିମାନା ଆଦାୟ ସହ ହେଲମେଟ ପରିଧାନ, ଇନ୍‌ସ୍ୟୁରାନ୍ସ କରିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା ଆଦି ଉପରେ ସଚେତନ କରାଯାଇଥିଲା। ପୋଲିସର ଯାଞ୍ଚ ସମୟରେ କ୍ଷୀପ୍ରଗତିରେ ଯାଇଥିବା କିଛି ଚାଳକଙ୍କୁ ଖୋଜା ଚାଲିଛି ବୋଲି ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୨୮।୧୦(ଡି.ଏନ୍.ଏ.):** ହତ୍ୟା ଉଦ୍ୟମ ମାମଲାରେ ଦିଗପହଣ୍ଡି ପୋଲିସ ଶୁକ୍ରବାର ବାସୁଦେବପୁର ଗ୍ରାମର କେ.ମହେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ନଂ.୨୯୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ବୁଧବାର ଚାଷ ଜମିରେ ଘାସ ଉପୁଡ଼ାକୁ କେନ୍ଦ୍ରକରି ୨ ପରିବାର ମଧରେ ସଂଘର୍ଷ ଘଟିଥିଲା। ଗ୍ରାମର କେ.ଅର୍ଜୁନଙ୍କୁ ତାଙ୍କ ଘର ନିକଟରେ କେ.ମହେନ୍ଦ୍ର ଏକ କାଟୁଆରେ ମୁଣ୍ଡକୁ ହାଣି ଦେଇଥିଲେ। ଆହାତ ଅର୍ଜୁନଙ୍କୁ ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଧରାପଡ଼ିଲେ ନକଲି ସାର୍ଟିଫିକେଟ୍ ପ୍ରସ୍ତୁତକାରୀ

**ବୁଗୁଡ଼ା,୨୮।୧୦(ଡି.ଏନ.ଏ.):** ବୁଗୁଡ଼ା ମୁଖ୍ୟ ସଡକସ୍ଥିତ ଏକ ଫଟୋ ଷ୍ଟୁଡିଓରେ ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ ହେଉଥିବା ଖବର ପାଇ ପୋଲିସ ଶୁକ୍ରବାର ସେଠାରେ ଚଢ଼ାଉ କରିଥିଲା। ଏସ୍‌ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ସେଠାରୁ ନକଲି ସାର୍ଟିଫିକେଟ୍ ପାଇଥିଲା। ଏଥିସହ ପୋଲିସ ସେଠାରୁ କମ୍ପ୍ୟୁଟର ଓ ହାର୍ଡ ଡିସ୍କ୍ ଜବତ କରି ନକଲି ସାର୍ଟିଫିକେଟ୍ ପ୍ରସ୍ତୁତକାରୀଙ୍କୁ ଥାନାକୁ ଉଠାଇ ନେଇ ପଚରାଉଚରା ଚଳାଇଛି। ଯଦି ସଠିକ୍ ତଦନ୍ତ ହୁଏ ତେବେ ନକଲି ସାର୍ଟିଫିକେଟର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ତାହା ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ବିଦ୍ୟାଳୟରେ ନିଆଁ ଲାଗିବା ଘଟଣା,୩ ଅଟକ

**ପାତ୍ରପୁର,୨୮।୧୦(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଆମ୍ବପୁର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ରେକର୍ଡ ରୁମରେ ନିଆଁ ଲଗେଇବା ଘଟଣାରେ ଜରଡ଼ା ପୋଲିସ ୩ ଛାତ୍ରଙ୍କୁ ଅଟକ ରଖିଛି। ସେମାନେ ନାବାଳକ ହୋଇଥିବାରୁ ପଚରାଉଚରା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରେକର୍ଡ ରୁମରେ ଥିବା ଆଲମାରୀରେ ବିଦ୍ୟାଳୟର କିଛି ଟଙ୍କା ଥିଲା ଯାହାକୁ ଉକ୍ତ ଛାତ୍ରମାନେ ଲୋଭ କରି ନେବାକୁ ଆସିଥିଲେ। କ୍ୟାଣ୍ଡେଲ ଲଗେଇ ଖୋଜାଖୋଜି କରୁଥିବା ବେଳେ ନିଆଁ ବ୍ୟାପି ଯାଇଥିଲା ।

# ଦଣ୍ଡ ପ୍ରଣାମ କରି ନବୀନ ନିବାସ ଯିବେ ଡ୍ରାଇଭର

**ଭାପୁର, ୨୮।୧୦ (ଡି.ଏନ.ଏ.)**

ନୟାଗଡ଼ ଜିଲାର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର କରିଥିଲେ। ଭାପୁର ବ୍ଲକ ଭଗବାନପୁର ପୂର୍ଣ୍ଣବାସୀ ପୀଠରେ ଅନୁଷ୍ଠିତ ସମ୍ମିଳନୀରେ ନୟାଗଡ଼ ଜିଲା ଡ୍ରାଇଭର ମହାସଂଘର ସଭାପତି ଅବକାଶ କାଠୁଆଙ୍କ ଅଧ୍ୟକ୍ଷତା କରିଥିଲେ। ଦାବି ପୂରଣ ନ ହେଲେ ରାସ୍ତାରେ ଡ୍ରାଇଭରମାନେ ଦଣ୍ଡ ପ୍ରଣାମ କରି ନବୀନ ନିବାସ ଯିବାକୁ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ଡ୍ରାଇଭର ମହାସଂଘର ଉପସଭାପତି ସୁରେଶ ସାହୁ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣି, ଜିଲା ସହସମ୍ପାଦକ ସନ୍ତୋଷ ଡୋରା ଓ ଭାପୁର ବ୍ଲକ ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ କୁମାର ଜେନା, ଖଣ୍ଡପଡ଼ା ଡ୍ରାଇଭର ମହାସଂଘ ସଭାପତି ରଜତ କୁମାର ଦାଶ, ଗଣିଆ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଚନ୍ଦ୍ରମଣି ସାହୁ, ଦଶପଲ୍ଲା ରବିନାରାୟଣ ସାହୁ, ରଣପୁର ମାନସ ସାହୁ, ଓଡ଼ଗାଁର ସନ୍ତୋଷ କୁମାର ଡୋରା, ନୟାଗଡ ବ୍ଲକର ସୁକାନ୍ତ ସାହୁ, ନୂଆଗାଁ ବ୍ଲକର ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ ସ୍ୱାଇଁଙ୍କ ସମେତ ନୟାଗଡ ଜିଲାର ଡ୍ରାଇଭର ମହାସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଓଡ଼ିଶା ଡ୍ରାଇଭର ସଂଘର ନୟାଗଡ଼ ଜିଲା ଡ୍ରାଇଭର ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

### ନୟାଗଡ଼ ଡ୍ରାଇଭର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

ସଂଘର ସମସ୍ତ ଡ୍ରାଇଭର ରାସ୍ତାରେ ଦଣ୍ଡ ପ୍ରଣାମ କରି ଭୁବନେଶ୍ୱର ନବୀନ ନିବାସ ଯିବେ। ସେଠାରେ ସେମାନଙ୍କ ଦାବି ଜଣେଇବେ ବୋଲି କହିଛନ୍ତି। ସେମାନଙ୍କ ଦାବିଗୁଡିକ ହେଲା ଜନସାଧାରଣଙ୍କ ଆକ୍ରୋଶ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ଗାଡିଗୁଡିକୁ ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ନେବାକୁ ବିଶ୍ରାମଗାର ଓ ଶୌଚଳାୟର ବ୍ୟବସ୍ଥା, ୫୫ବର୍ଷ ପରେ ପେନସନ ଦିଆଯାଉ, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭର ପରିବାରକୁ ୨୦ ଲକ୍ଷ ଟଙ୍କା ବୀମାରାଶି ଓ ଦୁର୍ଘଟଣାର ଅକର୍ମଣ୍ୟ ଡ୍ରାଇଭରମାନଙ୍କୁ ୧୦ ଲକ୍ଷ ଟଙ୍କାର ବୀମାରାଶି, ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା , ଡ୍ରାଇଭରଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କ ପିଲାଙ୍କ ପାଇଁ ଶିକ୍ଷା ନିମନ୍ତେ ବ୍ୟବସ୍ଥା, ରାସ୍ତା ଉପରେ ପ୍ରଶାସନ ପକ୍ଷରୁ ହଇରାଣ କରା ନ ଯାଉ , ଲାଇସେନ୍ସ ପାଇ କମ୍ ମୂଲ୍ୟ ଧାର୍ଯ୍ୟ କରାଯାଉ ଓ ସେପ୍ଟେମ୍ବର ଏକ ତାରିଖକୁ ଡ୍ରାଇଭର ଦିବସ ଉପଲକ୍ଷେ ଘୋଷଣା କରାଯାଉ ବୋଲି ଦାବି ରଖାଯାଇଛି। ଆଗାମୀଦିନରେ ସରକାର ଯଦି ସେମାନଙ୍କ ଦାବି ନ ଶୁଣନ୍ତି ତେବେ ଷ୍ଟେରିଂ ଛାଡ଼ ଆନ୍ଦୋଳନ କରିବା ସହ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଡ୍ରାଇଭର ସଂଘ ଚେତାବନୀ ଦେଇଛି।

# ବଡ଼ଗୋରଡ଼ାର ଦମ୍ପତିଙ୍କୁ ୮ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ/ଓଡଗାଁ, ୨୮।୧୦(ସ୍ୱ.ପ୍ର.)**

### ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଘଟଣା

ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଘଟଣାର ରାୟ ଓଡ଼ଗାଁ ସହକାରୀ ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ତଦନ୍ତକାରୀ ଅଫିସରଙ୍କ ତଦନ୍ତ ରିପୋର୍ଟ, ୮ ସାକ୍ଷୀଙ୍କ ବୟାନ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ବିଚାରକୁ ନେଇ ଓଡ଼ଗାଁ ସହକାରୀ ଦୌରାଜଜ୍ ଶିବାଶଷ ଗିରି ଅଭିଯୁକ୍ତଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେମାନେ ହେଲେ ଶରଣକୁଳ ଥାନା ବଡଗୋରଡା ଗାଁର ଦମ୍ପତି ଗଦାଧର ପରିଡା ଓରଫ ଛୋଟୁ ଏବଂ ରଞ୍ଜିତା ପରିଡା। ଅନ୍ୟପକ୍ଷେ ୧୦ ହଜାର ଜରିମାନା ହୋଇଥିବାବେଳେ ଜରିମାନା ଅନାଦାୟ ୬ ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, ସିମେଣ୍ଟ ବୋଝେଇ ଟ୍ରକ୍‌ର ଜଣେ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ନଂ. ୧୨୪/୨୦୧୭ରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବଡଗୋରଡା ଗାଁକୁ ଯାଇଥିଲା। ହେଲେ ଅଭିଯୁକ୍ତ ବଡଗୋରଡା ଗାଁର ଗଦାଧରଙ୍କ ପରିବାର ଘରର କବାଟ ଖୋଲି ନ ଥିଲେ। ଘରର ଛାତ ଉପର ଦେଇ ପୋଲିସ ପଶିବାକୁ ଯାଉଥିବାବେଳେ ଚକମା ଦେଇ ଗଦାଧର ଏକ ରାଉଣ୍ଡ ଗୁଳି କରି ଖସି ଯାଇଥିଲେ। ସ୍ତ୍ରୀ ରଞ୍ଜିତା ମଧ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଏ ନେଇ ତତ୍କାଳୀନ ଶରଣକୁଳ ଥାନା ଏସଆଇ ତଥା ବର୍ତ୍ତମାନ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ବିଦିତା ନାୟକଙ୍କ ଅଭିଯୋଗକ୍ରମେ ନଂ. ୧୨୮/୧୭ରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୋଲିସ ଉଭୟ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଦମ୍ପତି ଜେଲରେ ଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଯଜ୍ଞନାରାୟଣ ପାତ୍ର ଓ ସୁରେନ୍ଦ୍ର କୁମାର ସେନାପତି ମାମଲା ପରିଚାଳନା କରିଥିଲେ।

# ‘ଯେତେ କାନ୍ଦିଲେ ବି ଲୁହ ସରୁନି’ ସାମାଜିକ ନାଟକ ମଞ୍ଚସ୍ଥ

**ଭାପୁର,୨୮।୧୦ (ଡି.ଏନ.ଏ.)**

### ଗିରିଗୋବର୍ଦ୍ଧନ ପୂଜା

ଭାପୁର ବ୍ଲକରେ ବଡସହରା ପଞ୍ଚାୟତ ଗୋପାଳପ୍ରସାଦ ଗିରି ଗୋବର୍ଦ୍ଧନ ପାହାଡ ଉପରେ ଥିବା ରାଧାକୃଷ୍ଣ ମନ୍ଦିରଠାରେ ଗିରି ଗୋବର୍ଦ୍ଧନ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରିଧାନଚେଙ୍ଗଡା ପଞ୍ଚାୟତ ଭୋଗଡା ଗ୍ରାମରେ ଗିରି ଗୋବର୍ଦ୍ଧନ ପୂଜାର୍ଚ୍ଚନା ଓ ପଦ୍ମାବତୀ ପଞ୍ଚାୟତ ତଳମାରଡା ଗାଁର ଗିରି ଗୋବର୍ଦ୍ଧନ ପୂଜା ପାହାଡ ଉପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜା କଲେ ଭଲ ଫସଲ ହେବା ସହ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଗିରି ଗୋବର୍ଦ୍ଧନ ପୂଜାରେ ମାନସିକ ବ୍ରତଧାରୀ ମହିଳାମାନେ ଆସି ପୂଜାର୍ଚ୍ଚନା କରିଥାନ୍ତି। ତଳମାରଡା ଗିରି ଗୋବର୍ଦ୍ଧନ ପାହାଡଠାରେ ବୁଧବାର ବେଳେ ପୂଜାର୍ଚ୍ଚନା ସହ ଭାଗବତ ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରାଯାଇଥିଲା।

ରାତିରେ ତଳମାରଡା ଗ୍ରାମ କମିଟି ସହଯୋଗରେ ଏକ ସାମାଜିକ ନାଟକ ପରିବେଷଣ ହୋଇଥିଲା। ଭାପୁର ବ୍ଲକର ନାଟ୍ୟ ନିର୍ଦ୍ଦେଶକ ଭାସ୍କର ଜେନାଙ୍କ ନିର୍ଦ୍ଦେଶନାରେ ଯେତେ କାନ୍ଦିଲେ ବି ଲୁହ ସରେନା ନାଟକ ମଞ୍ଚସ୍ଥ ହୋଇଥିଲା। ତଳମାରଡା ଗ୍ରାମର ପବିତ୍ର, କେଦାର, ସୁଶାନ୍ତ, କାହ୍ନା, ରାଜା, ପିଣ୍ଟୁନ, ଯୁଜୁ, ମହି, ଚଗଲା, ଗଣେଶ, ମାଗି, ଗୟା, ସିରିଆ, ବିଜି, ବଗୁଲି, ଶଶି ପ୍ରମୁଖ ଯୁବକମାନେ ଅଭିନୟ କରିଥିଲେ। ସମସ୍ତ କାର୍ଯ୍ୟରେ କୁବେର ରାଉତ ସହଯୋଗ କରିଥିଲେ। ଶୁକ୍ରବାର ତଥା ଦ୍ୱିତୀୟ ଦିନ କରଡାପଲ୍ଲୀ ଗ୍ରାମର ରାମ ନାଟକ ଲବକୁଶ ବଧ ପରିବେଷଣ ହୋଇଥିଲା। ଏହାକୁ ଦେଖିବାକୁ ଆଖପାଖର ଦର୍ଶକମାନଙ୍କ ଭିଡ ହୋଇଥିଲା।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ଦଶପଲ୍ଲାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦଶପଲ୍ଲା,୨୮।୧୦( ଡି.ଏନ.ଏ.)**

ଦଶପଲ୍ଲାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବୀର ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ତ୍ରିନାଥ ବଜାରସ୍ଥିତ ମେଳିଆ ଡୋଟା ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ସମ୍ମାନୀତ ଅତିଥି ରୂପେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, କନ୍ଧମାଳ ଏମ୍ପି ଡ. ଅଚ୍ୟୁତ ସାମନ୍ତ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ସଭାପତି ଇଞ୍ଜିନିୟରି ଦେବାଶିଷ ପଟ୍ଟନାୟକଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଧାୟକ ସାହୁ ପେଟ୍ରୋଲ, ଗ୍ୟାସ ସମେତ ବିଭିନ୍ନ ଦରଦାମ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଛି। ବିଜେଡି କଥା କମ୍ କାମ ବେଶିକୁ ଗୁରୁତ୍ୱ ଦେଇଥାଏ। ନିର୍ବାଚନ ବେଳେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଘାଟ ପ୍ରଭୃତିରେ ଉନ୍ନତି ହୋଇପାରିଛି। ୫-ଟି ଜରିଆରେ ବିଭିନ୍ନ ବିଦ୍ୟାଳୟର ଉନ୍ନତି ହୋଇପାରିଛି। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଓଡିଶାର ଲୋକ ଉପକୃତ ହୋଇପାରିଛନ୍ତି। ମିଶନ ଶକ୍ତି, ଖେଳ ପ୍ରଭୃତିରେ ଉନ୍ନତି ହୋଇପାରିଛି। ବିଭିନ୍ନ ରାଜ୍ୟରେ ବନ୍ୟା ବାତ୍ୟା ସମୟରେ ଓଡ଼ିଶା ସାହାଯ୍ୟର ହାତ ବଢାଉଥିବା ମତବ୍ୟକ୍ତ କରିଥିଲେ। ତେଣୁ ନବୀନଙ୍କ ସଫଳତାର ବାର୍ତ୍ତା ଗାଁ ଗଣ୍ଡାରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏମ୍ପି ଡ. ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ସମୟରେ ଓଡିଶା ସବୁ କ୍ଷେତ୍ରରେ ଉନ୍ନତି ହୋଇପାରିଛି। ନବୀନବାବୁଙ୍କ ସମୟରେ ମା’ ଭଉଣୀଙ୍କ ସୁବର୍ଣ୍ଣ ଯୁଗ ବୋଲି ମତବ୍ୟକ୍ତ କରିଥିଲେ। ରଣପୁର ବିଧାୟକ ଏବଂ ଜିଲା ପରିଷଦ ସଭାପତି ନବୀନବାବୁଙ୍କ ସମୟରେ ଓଡ଼ିଶାର ଉନ୍ନତି ହେଇପାରିଥିବା କହିଥିଲେ। ସଭାପତି ତଥା ଦଶପଲ୍ଲା ବିଧାୟକ ବେହେରା ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ସମୟରେ ବିଭିନ୍ନ କ୍ଷେତ୍ରର ଉନ୍ନତି କରିଥିବା କହିଥିଲେ। ଶେଷରେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ ଧନ୍ୟବାଦ ଦେଇଥିଲେ। ସମାବେଶରେ ବିଭିନ୍ନ ବ୍ଲକର ଚେୟାରମ୍ୟାନ, ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ସମେତ ନୂଆଗାଁ, ଗଣିଆ ଓ ଦଶପଲ୍ଲା ବ୍ଲକର ବହୁ ବିଜେଡି କର୍ମୀ ଏବଂ ଜନସାଧାରଣ ଯୋଗଦାନ କରିଥିଲେ।



ସମାବେଶରେ ଯୋଗଦେଇ ଥିବା ଅତିଥି ବୃନ୍ଦ।

# ସଙ୍କଟରେ ଚାଲିଛି ଗଜପତି ଜିଲା ସ୍ୱାସ୍ଥ୍ୟସେବା

**କାଶୀନଗର,୨୮।୧୦**

ଗଜପତି ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍କଟରେ ଚାଲିଛି ସ୍ୱାସ୍ଥ୍ୟ ସେବା। ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ନ ପାରି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। କାଶୀନଗର ବ୍ଲକ ଶିଆଳି ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମର ବଳରାମଙ୍କ ସ୍ତ୍ରୀ କଳ୍ପନା ଗର୍ଭବତୀ ଥିଲେ। ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ପରୀକ୍ଷା ପରେ ତାଙ୍କ ଗର୍ଭସ୍ଥ ଶିଶୁଟି ମରିଯାଇଛି ବୋଲି ଜଣାପଡ଼ିଲା। ଅସ୍ତ୍ରୋପଚାର ଜରିଆରେ ଶିଶୁଟିକୁ ବାହାର କରିବାକୁ ହେବ। ତେବେ ଅସ୍ତ୍ରୋପଚାର ପାଇଁ ଅନୁକୂଳ ପରିବେଶ ନଥିବା ଦର୍ଶାଇ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକାଧିକ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଥିଲେ ମଧ କେହି ଅସ୍ତ୍ରୋପଚାର କରି ନ ଥିଲେ। ଯନ୍ତ୍ରଣାରେ ଛଟପଟ କଳ୍ପନାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା। ବଳରାମ କାଶୀନାଗର ବ୍ଲକ ବିଜେଡି ସଭାପତି କେ. ରାମପ୍ରସାଦଙ୍କ ସହାୟତାରେ ବ୍ରହ୍ମପୁର ମେଡ଼ିକାଲରେ ସ୍ତ୍ରୀଙ୍କୁ ନେଇ ପହଞ୍ଚିଥିଲେ। ସେଠାରେ ଅସ୍ତ୍ରୋପଚାର ହୋଇଥିବା ଏବଂ କଳ୍ପନା ସୁସ୍ଥ ଥିବା ଜଣାପଡ଼ିଛି। ତେବେ କାଶୀନାଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ କେତେ ଫଳପ୍ରଦ ଭାବେ ସ୍ୱାସ୍ଥ୍ୟ ସେବା ଚାଲିଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ପାତ୍ର କହିଛନ୍ତି, ଏଠାରେ କେହି ନିଶ୍ଚେତକ ବିଶେଷଜ୍ଞ ନଥିବାରୁ ଉକ୍ତ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିବାକୁ ପଡିଲା। ଅନ୍ୟପଟେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବି କେହି ସ୍ଥାୟୀ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ନାହାନ୍ତି। ତେଣୁ ଗଜପତିରେ ସ୍ୱାସ୍ଥ୍ୟ ସେବା ସଙ୍କଟ ଘେରରେ ରହିଛି।

# ସଜେଇ ହେଉଛି ମଣ୍ଡାସରୁ ଇକୋ ଟୁରିଜମ୍

**ରାଇକିଆ,୨୮।୧୦(ଡିଏନଏ)**

ଶୀତ ଋତୁରେ ପର୍ଯ୍ୟଟନ କଥା କହିଲେ ସାଧାରଣତଃ କନ୍ଧମାଳ ଜିଲା କଥା ମନକୁ ଆସିଥାଏ। ସହରର ବ୍ୟସ୍ତ ବହୁଳ ଜୀବନ ଭିତରୁ ବାହାରି ଶାନ୍ତ, ସବୁଜ, ଜଙ୍ଗଲ ପାହାଡ ଘେରା ପରିବେଶ ଶୀତ ସାଙ୍ଗକୁ ପ୍ରାକୃତିକ ସୋନ୍ଦର୍ଯ୍ୟ ଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଜିଲାରେ ଦୁଇଦିନ ହେଲା ତାପମାତ୍ରା ଖସିବାରେ ଲାଗିଛି। କନ୍ଧମାଳକୁ ଛୁଇଁଛି ଶୀତର ପହିଲି ସ୍ପର୍ଶ। ପର୍ଯ୍ୟଟକଙ୍କ ଆଗମନ ମଧ ଆରମ୍ଭ ହୋଇଛି। ରାଇକିଆ ସହରଠାରୁ ୧୦ କିମି ଦୂରରେ ଥିବା ମଣ୍ଡାସରୁ ଇକୋ ଟୁରିଜମ ସେଣ୍ଟର୍ ମଧ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏଠାରେ ପ୍ରାକୃତିକ ସୋନ୍ଦର୍ଯ୍ୟ, ଜଳ ପ୍ରପାତ, କାଠରେ ତିଆରି ବଙ୍ଗଳା ଆଦି ରହିଥିବା ବେଳେ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ ଥିବା ଯୋଗୁ ବର୍ଷ ତମାମ ପର୍ଯ୍ୟଟକ ଆସିଥାନ୍ତି।


ପର୍ଯ୍ୟଟକମାନେ ଇକୋ ଟୁରିଜମ୍ ବୁଲୁଛନ୍ତି।

ବିଶେଷ କରି ଶୀତ ଋତୁରେ ଅଧିକା ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପୂର୍ବରୁ ଚାରୋଟି କାଠ ବଙ୍ଗଳାରେ ରହିବା ସୁବିଧା ଥିବା ବେଳେ ଚଳିତ ବର୍ଷ ଆଉ ଦୁଇଟି କାଠ ବଙ୍ଗଳା ନିର୍ମାଣ କରାଯାଇଛି। ଏହି ପର୍ଯ୍ୟଟନସ୍ଥଳୀ ରାଜ୍ୟର ପ୍ରଥମ ଜୈବ ବିବିଧତା ଐତିହ୍ୟ ସ୍ଥଳୀ ଭାବରେ ମାନ୍ୟତା ପାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିଚାଳିତ ଏହି ଇକୋ ଟୁରିଜମକୁ ଅଧିକ ଆକର୍ଷିତ କରିବା ପାଇଁ ଅଧିକା ସାଜ ସଜ ମଧ କରାଯାଉଛି। ଏହାର ନିକଟରେ ରହିଛି ଜଳ ପ୍ରପାତ। ୧୫୦ ଫୁଟ ଉଚ୍ଚରୁ ପାଣି ପଡୁଥିବାରୁ ସେଥିପ୍ରତି ମଧ ପର୍ଯ୍ୟଟକ ଆକର୍ଷିତ ହେଉଛନ୍ତି। ଏଥିସହ ହିଲ ଟ୍ରେକିଂର ମଜା ମଧ ନେଉଛନ୍ତି। ପିକନିକ ପାଇଁ ମଧ ସମସ୍ତ ସୁବିଧା ଥିବାରୁ ଭିଡ଼ ଜମୁଛି।

# ବିଭିନ୍ନ ସମସ୍ୟା ନେଇ ବିଡିଓ, ତହସିଲଦାରଙ୍କୁ ଦାବିପତ୍ର

**ପାତ୍ରପୁର,୨୮।୧୦(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତ ଖାରିଆନାଳ ଗ୍ରାମରେ ବସବାସ କରୁଥିବା ୨୪ ପରିବାର ପକ୍ଷରୁ ଶୁକ୍ରବାର ବିଭିନ୍ନ ସମସ୍ୟା ନେଇ ଜିଲାପାଳ ଓ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ପାତ୍ରପୁର ବିଡିଓ ଓ ତହସିଲଦାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଗ୍ରାମର ବହୁ ଆଦିବାସୀ ମହିଳା ଓ ପୁରୁଷ ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସ ତହସିଲଦାର ଅମିତ୍ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ପ୍ରକାରେ, ଉକ୍ତ ଆଦିବାସୀ ଗ୍ରାମର ୨୪ ପରିବାର ଦୀର୍ଘ ବର୍ଷ ଧରି ସେଠାରେ ବସବାସ କରୁଥିବା ବେଳେ ଏଯାଏ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ରହୁଛନ୍ତି । ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନଥିବାରୁ କୋମଳମତି ଶିଶୁ ମାନଙ୍କୁ ଦୀର୍ଘ ପାଞ୍ଚ କିମି ଦୂରରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରକୁ ଯିବାକୁ ପଡୁଛି ସେହିପରି ଗ୍ରାମରେ ବିଦ୍ୟାଳୟ ନଥିବାରୁ ୩ କିମି ଦୂରରେ ଅବସ୍ଥିତ ଜାଡିମହୁଲ ବିଦ୍ୟାଳୟକୁ ଯାଇ ଅଧ୍ୟୟନ କରୁଛନ୍ତି। ଗ୍ରାମରେ ବସବାସ କରୁଥିବା ଚାରି ପାଞ୍ଚ ପରିବାରକୁ ଛାଡିଦେଲେ ଏଯାଏ ଅନ୍ୟ କାହାରିକୁ ଘରବାଡ଼ି ପଟା ମିଳିନାହିଁ । ଫଳରେ ସେମାନଙ୍କ ପିଲାମାନେ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେଉଥିବା ବେଳେ ଆବାସ ଯୋଜନାରେ ପକ୍କା ଘର ମିଳୁନି । ଗ୍ରାମରେ ପାନୀୟ ଜଳର ଅଭାବ ହେତୁ ଲୋକେ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ଗ୍ରାମବାସୀଙ୍କୁ ଘରବାରି ପଟା ସହିତ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଯଦି ସମସ୍ୟାର ସମାଧାନ ନ ହୁଏ, ତାହାଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ସରପଞ୍ଚ ପ୍ରତିନିଧି ଆପନା ପ୍ରଧାନ, ନାଏବ ସରପଞ୍ଚ ଯୁର ବାଉତ୍ୟା, ବୃନ୍ଦାବନ ଶବର, ସଚ୍ଚିଦାନନ୍ଦ ଶବର, ତମାଳ ଶବର, ଗୀତା ଶବର, ଜୟନ୍ତୀ ଶବର, ଚନ୍ଦ୍ରମା ଶବର, ଲକ୍ଷ୍ମୀ ଶବର, ଦମୟନ୍ତୀ ଭୂୟାଁ, ଅଭି ଗୌଡଙ୍କ ସମେତ ବହୁ ଆଦିବାସୀ ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ ।

# ୨ ଆନାସ୍ଥେସିଆ ଡାକ୍ତର ଥାଇ ମିଳିଲାନି ସେବା

ନୟାଗଡ଼ ଅଫିସ,୨୮।୧୦

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ୨ ଜଣ ଆନାସ୍ଥେସିଆ ଡାକ୍ତର ଥିବାବେଳେ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ମିଳୁନି। ସନ୍ଧ୍ୟାରୁ ଅପରେଶନ କରାଯିବ କହି ଶେଷ ସମୟରେ ଆନାସ୍ଥେସିଆ ଡାକ୍ତର ନାହାନ୍ତି ଦର୍ଶାଇ ଶୁକ୍ରବାର ଭୋରରୁ ବେସରକାରୀ ହସ୍ପିଟାଲକୁ ଯିବାକୁ ଚିକିତ୍ସା କରୁଥିବା ସ୍ତ୍ରୀରୋଗ ବିଶେଷଜ୍ଞ ଗୁରୁତର ଗର୍ଭବତୀ ମହିଳାଙ୍କୁ ପଠାଇଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ତଥା ଅଧୀକ୍ଷକଙ୍କୁ ଅଭିଯୋଗ କରିବାରୁ ବେସରକାରୀ ହସ୍ପିଟାଲକୁ ରେଫର କରାଗଲେ କିଛି ଅସୁବିଧା ନାହିଁ କହି ରୋଗୀଙ୍କୁ ବୁଝାଇଥିଲେ। ତେବେ ସ୍ତ୍ରୀରୋଗ ବିଶେଷଜ୍ଞ ପଠାଇଥିବା ବେସରକାରୀ ହସ୍ପିଟାଲରେ ରୋଗୀ ଅପରେଶନ ନ ହୋଇ ଅନ୍ୟତ୍ର ଭର୍ତ୍ତିହୋଇ ଏକ ପୁତ୍ର ସନ୍ତାନ ଜନ୍ମ କରିଛନ୍ତି। ଏହି ଘଟଣା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଗର୍ଭବତୀଙ୍କ ସେବାଠାରୁ ଦୂରେଇ ଯାଇଥିବା ପ୍ରମାଣିତ ହୋଇଛି।

ଅଭିଯୋଗ ଅନୁସାରେ, ସରକାରୀ ଚିକିତ୍ସାଳୟରେ ଡାକ୍ତରମାନେ ନିୟୋଜିତ ହୋଇ ସରକାରଙ୍କଠାରୁ ଦରମା ନେଉଛନ୍ତି। ତେବେ ସେବା ଦେଲା ବେଳକୁ କୁନ୍ଥୁ କୁନ୍ଥୁ ହୋଇ ପୁଣି ଉପୁରି ଉପରେ ଆଶା ରଖୁଛନ୍ତି। ଉପୁରି ନ ମିଳିଲେ ରେଫର କରୁଛନ୍ତି। ପ୍ରେସର କଲେ ବାଧ ବାଧକତାରେ ଚିକିତ୍ସା କରୁଛନ୍ତି ସତ ହେଲେ ଅନେକ କିଛି ହଇରାଣ ହରକତ ହେବାକୁ ପ୍ରସୂତି ମହିଳାଙ୍କୁ ପଡୁଛି। ପ୍ରସୂତି ମହିଳାଙ୍କୁ ସ୍ତ୍ରୀ ରୋଗ ବିଶେଷଜ୍ଞ ବେସରକାରୀ ହସ୍ପିଟାଲକୁ ପଠାଇ ଦେଇ ନିଜେ ଯାଇ ସିଜରିଂ କରୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ତେବେ କାର୍ଯ୍ୟାନୁଷ୍ଠାନ ଶୂନ। ଅନ୍ୟପକ୍ଷେ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କଲା ପରେ ଡାକ୍ତରମାନଙ୍କୁ ବେସରକାରୀ ହସ୍ପିଟାଲକୁ ରେଫର କରାଇବା ସୁବିଧା ହୋଇଯାଇଛି। ରୋଗୀ ସରକାରୀ ଅଥବା ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଲେ କିଛି ଅସୁବିଧା ନାହିଁ ବୋଲି ଡାକ୍ତରମାନେ ଯୁକ୍ତି କରୁଛନ୍ତି। ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ତଥା ଅଧୀକ୍ଷକ ମଧ୍ୟ ସମାନ ଯୁକ୍ତି କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସେବା ଦେଉଥିବା ବେସରକାର ହସ୍ପିଟାଲରେ ଗର୍ଭବତୀ ମହିଳାଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ହୋଇଥିବାରୁ ସବୁ କିଛି



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ।

- ବେସରକାରୀ ହସ୍ପିଟାଲକୁ କରାଗଲା ରେଫର
- ସନ୍ଧ୍ୟାରେ ଭର୍ତ୍ତି ହେଲେ ପାହାନ୍ତାରେ କଲେ ରେଫର
- ସୁପରିଣ୍ଟେଣ୍ଡେଣ୍ଟ କହିଲେ କିଛି ଅସୁବିଧା ନାହିଁ
- ଗର୍ଭବତୀ ମହିଳାଙ୍କ ସେବାରୁ ଦୂରେଇ ଯାଉଛି ଡିଏଚଏଚ

ଠିକ୍‌ଠାକ ଅଛି ବୋଲି କୁହାଯାଉଛି। ତେବେ ପ୍ରଶ୍ନ ଉଠୁଛି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସରକାର କାହିଁକି ରାଜକୋଷରୁ ଅର୍ଥ ବ୍ୟୟ କରୁଛନ୍ତି। ରୋଗୀ ଯଦି ବେସରକାରୀ ହସ୍ପିଟାଲକୁ ଯିବେ, ତେବେ ସରକାରୀ ହସ୍ପିଟାଲ ବନ୍ଦ କରାଇବା ଦରକାର। ଏ ନେଇ ମାଣିକାଗୋଡାର ଜାନକୀ ସ୍ୱାଇଁ କୁହନ୍ତି, ଗୁରୁବାର ଅପରାହ୍ନରେ ମୋତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ସମୟ ହୋଇନି କହି ଶୁକ୍ରବାରକୁ ଅପେକ୍ଷା କରିବାକୁ କୁହାଗଲା। ହେଲେ ରାତିରେ ଗର୍ଭ ବେଦନା ବଢ଼ି ଚାଲିଲା। ପିଲା ଜନ୍ମ ହେବାକୁ ସମୟ ହୋଇଯାଇଛି। ତେବେ ପିଲା ଝାଡ଼ା କରିଥିବାରୁ ଅସୁବିଧା ହୋଇଛି। ଆନାସ୍ଥେସିଆ ନ ଥିବାରୁ ବେସରକାରୀ ହସ୍ପିଟାଲକୁ ନେବାକୁ ପରାମର୍ଶ ମିଳିଲା। ପରେ ବେସରକାରୀ ହସ୍ପିଟାଲରେ ମୋତେ ପୁଣି ଭର୍ତ୍ତି କରାଗଲା। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ତଥା ଅଧୀକ୍ଷକ ଡା. ସୁଧାଂଶୁ ଶେଖର ଷଡଙ୍ଗୀଙ୍କୁ ପଚାରିବାରେ ବେସରକାରୀ ହସ୍ପିଟାଲକୁ ଯିବାରେ କିଛି ଅସୁବିଧା ନାହିଁ। ଆନାସ୍ଥେସିଆ ଡାକ୍ତର ନ ଥିବାରୁ ବେସରକାରୀ ହସ୍ପିଟାଲକୁ ରେଫର କରାଯାଇଛି ବୋଲି କହିଛନ୍ତି। ସିଡିଏମ୍ ମକରନ୍ଦ ବେଉରା କୁହନ୍ତି, ସିଜରିଂ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରେଫର ନ କରିବାକୁ ମନା କରାଯାଇଛି। ତଥାପି କେତେଜଣ ଡାକ୍ତର ନିୟମକୁ ମାନୁନାହାନ୍ତି। ଏଣୁ ସେହି ଡାକ୍ତରଙ୍କ ଦରମା ବନ୍ଦ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି। ତେବେ ଏ ଦିଗରେ ପୁଣି ତାଗିଦ୍ କରିବେ ବୋଲି ସେ କହିଛନ୍ତି।

## ଭିଡିଓ ସଙ୍ଗୀତ ଏଇ ଅନନ୍ତ ଆକାଶ ଲୋକାର୍ପିତ

**ନୟାଗଡ଼ ଅଫିସ,୨୮।୧୦:** କଟକ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତୀପ୍ରାପ୍ତ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ କଣ୍ଠଦାନ ଏବଂ ଶିଶୁ ସାହିତ୍ୟିକା ବସିରନ ବିବିଙ୍କ ରଚିତ ଭିଡିଓ ସଙ୍ଗୀତ 'ଏଇ ଅନନ୍ତ ଆକାଶରେ' ନୟାଗଡ଼ ନାରାୟଣ ପାର୍କଠାରେ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ଇଣ୍ଡିଆନ ମ୍ୟୁଜିକ କ୍ରିଏଶନ ଦ୍ୱାରା ପ୍ରଯୋଜିତ ଏହି ଭିଡିଓ ସଙ୍ଗୀତ ପରିଚାଳନା ଅଶୋକ କୁମାର ସାହୁ କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ନିଜେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ରହିଛନ୍ତି। ଲୋକାର୍ପଣ ଉତ୍ସବରେ କଣ୍ଠଶିଳ୍ପୀ ଦାଶ ଏବଂ ଗୀତିକାର ବସିରନ ବିବିଙ୍କ ସହିତ ନିର୍ମଳ ଶୂରଦେଓ, ଲକ୍ଷ୍ମୀଧର ସାହୁ, ପ୍ରଦୀପ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଅଶୋକ ମଲ୍ଲ, ଶେଖ ଅବଦୁଲ ଖାଲିକ, ନିଳିମା ନନ୍ଦ, ଦେବେନ୍ଦ୍ର ପରମଗୁରୁ, ସୌଦାମିନୀ ସ୍ୱାଇଁ, ରାଜେନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ତ୍ରିପାଠୀ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପରମ୍ପରା : ଆଖିର ସୁରକ୍ଷା ପାଇଁ ନାଗ ଚତୁର୍ଥୀ ବ୍ରତ


କଣ୍ଟିଲୋଠାରେ ମହିଳାମାନେ ଶୁକ୍ରବାର ନାଗ ନାଗୁଣୀ ମୂର୍ତ୍ତି ପୂଜା କରୁଛନ୍ତି।

ଖଣ୍ଡପଡା,୨୮।୧୦(ସ୍ୱ.ପ୍ର.)

ସର୍ପପୂଜା ପରମ୍ପରା ବହୁ ପ୍ରାଚୀନ। ସର୍ପଙ୍କ ମଧ୍ୟରେ ନାଗ ହେଉଛନ୍ତି ଶିବଙ୍କ ଅଙ୍ଗ ଭୂଷଣ। ପୃଥିବୀକୁ ନାଗମାତା ବାସୁକୀ ଧାରଣ କରିଛନ୍ତି ବୋଲି ପୁରାଣରେ ବର୍ଣ୍ଣିତ ଅଛି। ଉତ୍କଳୀୟ ପରମ୍ପରାରେ ମୁଖ୍ୟତଃ ଆଖିର ସୁରକ୍ଷା ପାଇଁ ନାଗ ପୂଜା ବା ନାଗ ଚତୁର୍ଥୀ ବ୍ରତ ପୁରପଲ୍ଲୀରେ ପାରମ୍ପରିକ ରୀତିରେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖଣ୍ଡପଡ଼ା, କଣ୍ଟିଲୋ, ଖଳିସାହି, କୋସକା, ମର୍ଦ୍ଦରାଜପୁର, ପଥରଚକଡା, ବାଣପୁର, ଧାନଚେଙ୍ଗଡା, ବେଣାଗାଡିଆ, ସିଧାମୂଳା ଆଦି ଅଞ୍ଚଳରେ ଏହି ବ୍ରତ ପାଳନ ହୋଇଯାଇଛି। ଏସବୁ ଅଞ୍ଚଳର ପ୍ରତ୍ୟେକ ଗୃହିଣୀମାନେ ଘରେ ଥିବା ତମ୍ବା, ପିତ୍ତଳ, ରୁପା ନିର୍ମିତ ବିଭିନ୍ନ ଧାତୁର ନାଗ, ନାଗୁଣୀଙ୍କୁ ସ୍ଥାପନ କରି ଗନ୍ଧପୁଷ୍ପ ଦେବା ସହ ହଳଦିଆ ବସ୍ତ୍ର ପରିଧାନ କରାଇଥିଲେ। ନାଗ ମୂର୍ତ୍ତିଙ୍କୁ ସିନ୍ଦୁର, କଜ୍ଜ୍ୱଳ ଲଗା ଯାଇଥିଲା। ପୂର୍ବାହ୍ନ ୧୦ଟାରେ ସମସ୍ତ ମହିଳା ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ନାଗ ନାଗୁଣୀଙ୍କୁ ସ୍ଥାପନ କରିଥିଲେ। ପରେ କଞ୍ଚା କ୍ଷୀର, ହଳଦୀ ଓ ପଇଡ ପାଣିରେ ଅର୍ଘ୍ୟ ପ୍ରଦାନ କରାଯାଇଥିଲା।

ପୂଜା ନୀତି ସୂର୍ଯ୍ୟାସ୍ତ ପୂର୍ବରୁ ସମାପନ କରାଯାଇଥିଲା। ପୂଜା ଶେଷରେ ହଳଦୀ ମିଶ୍ରିତ କଞ୍ଚା କ୍ଷୀରରେ ଏକ ମଣ୍ଡା(ଗେଣ୍ଡୁ) ଫୁଲକୁ ଭିଜାଯାଇ ବ୍ରତ କରୁଥିବା ମହିଳା ଓ ସମସ୍ତ ପରିବାର ଲୋକେ ଆଖିରେ ଲେପ ମାରିଥିଲେ। ଏହାକୁ ଲେପ ଦେଲେ ଆଖିରେ କୌଣସି ରୋଗ ହୁଏ ନାହିଁ। ନାଗ ନାଗୁଣୀଙ୍କ ଆଖି ପରି ସୁସ୍ଥ ରହେ ବୋଲି ବ୍ରତଧାରିଣୀମାନେ ପ୍ରକାଶ କରିଥିଲେ। ଏହି ବ୍ରତ ପଛରେ ଥିବା ଲୋକ କଥା ଅନୁଯାୟୀ, ଜଣେ ସାଧବାଣୀଙ୍କ ସାନ ବୋହୂ ନାଗ ନାଗୁଣୀଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ଥିବା ଭୋଗକୁ ଅଇଁଠା କରି ଦେବାରୁ ସେ ଅନ୍ଧ ହୋଇଯାଇଥିଲେ। ପରେ ପରିବାର ଲୋକେ ନାଗ ନାଗୁଣୀଙ୍କୁ ପ୍ରାର୍ଥନା କରିବା ପରେ ସେ ଦୃଷ୍ଟି ଶକ୍ତି ଫେରି ପାଇଥିଲେ। ନିଷ୍ଠାର ସହ ଏହି ବ୍ରତ କରିବାକୁ ନାଗ ନାଗୁଣୀ ନିର୍ଦ୍ଦେଶ ଦେଇ ଥିବାରୁ ସେବେଠାରୁ ମହିଳାମାନେ ପ୍ରତିବର୍ଷ ଏହି ବ୍ରତ ପାଳନ କରି ଆସୁଛନ୍ତି।

## କର୍ମଚାରୀ ଏକାଦଶ ୪-୧ ଗୋଲରେ ବିଜୟୀ

ନୟାଗଡ଼ ଅଫିସ,୨୮।୧୦

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ସାମ୍ବାଦିକ ଏକାଦଶ ଓ ମହାବିଦ୍ୟାଳୟ କର୍ମଚାରୀ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଏଥିରେ ମହାବିଦ୍ୟାଳୟ କର୍ମଚାରୀ ଏକାଦଶ ୪-୧ ଗୋଲରେ ସାମ୍ବାଦିକ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ଉଭୟ ପରସ୍ପରକୁ ଗୋଲ ଦେଇ ଖେଳକୁ ବରାବର ସ୍ଥିତିରେ ରଖିଥିଲେ। ତେବେ ୨ୟାର୍ଦ୍ଧ ଖେଳରେ କର୍ମଚାରୀ ଏକାଦଶ ୩ଟି ଗୋଲ କରି ଅଗ୍ରଣୀ ରହିଥିଲେ। ସାମ୍ବାଦିକ ଏକାଦଶ ବାରମ୍ବାର ସୁଯୋଗ ପାଇଥିଲେ ମଧ୍ୟ ଖେଳକୁ ବରାବର ସ୍ଥିତିକୁ ଆଣି ପାରି ନ ଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଖେଳ ପରିଚାଳନା କରିଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଦିଗପହଣ୍ଡି,୨୮।୧୦ (ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ସହ ବ୍ଲାକମେଲ କରାଯାଉଥିବା ଶୁକ୍ରବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୭୪/୨୨ ଅନୁଯାୟୀ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଜଣକ ଫେରାର ଥିବାରୁ ଶନିବାର କେବଳ ପୀଡ଼ିତାଙ୍କ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ସ୍ୱର୍ଣ୍ଣଲତା ପାତ୍ର କହିଛନ୍ତି। ଗତ ପ୍ରାୟ ୨ ବର୍ଷ ପୂର୍ବେ ପୀଡ଼ିତାଙ୍କ ସହ ଅଭିଯୁକ୍ତଙ୍କ ସମ୍ପର୍କ ରହିଥିଲା। ସେହି ସମୟରେ ଅଭିଯୁକ୍ତ ପୀଡ଼ିତାଙ୍କ କିଛି ଫଟୋ ଓ ଭିଡିଓ ଉତ୍ତୋଳନ କରି ଟଙ୍କା ଆଦାୟ କରୁଥିଲେ।

## ସିଟି ହସ୍ପିଟାଲରୁ ଗର୍ଭବତୀ ଘରୋଇ କ୍ଲିନିକକୁ ସ୍ଥାନାନ୍ତର

ବ୍ରହ୍ମପୁର ଅଫିସ,୨୮।୧୦

ସିଟିହସ୍ପିଟାଲରୁପୁଣିଥରେଜଣେ ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ଘରୋଇ କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପଠାଯାଇଥିବା ଅଭିଯୋଗ ହୋଇଛି। ତେବେ ସିଟି ହସ୍ପିଟାଲ ଅଧୀକ୍ଷକ ବିଶ୍ୱମ୍ଭର ପାତ୍ର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କେହି ବି ଡାକ୍ତର ସମ୍ପୃକ୍ତ ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ଘରୋଇ କ୍ଲିନିକକୁ ପଠାଇ ନ ଥିବା ସେ କହିଛନ୍ତି। କୌଣସି ଆଶାକର୍ମୀ ଅଲଟ୍ରାସାଉଣ୍ଡ ପାଇଁ ଗର୍ଭବତୀଙ୍କୁ ଘରୋଇ କ୍ଲିନିକ ନେଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି ବୋଲି ସେ ଜଣାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାସୁଦେବ


@ ବର୍ଷା


@ ପ୍ରଭଞ୍ଜନ


@ ନରେଶ


@ ସୂର୍ଯ୍ୟ ନାରାୟଣ


@ ଶିବ ପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ବର୍ଷ ହେଲା ଅଧାପନ୍ତରିଆ ହୋଇପଡ଼ିଛି ଯାତ୍ରୀନିବାସ

ରଣପୁର, ୨୮।୧୦ (ସ୍ୱ.ପ୍ର.)

### ଅବହେଳିତ ଅବସ୍ଥାରେ ମା' ଅସୁର କୁମାରୀ ପର୍ଯ୍ୟଟନ ପୀଠ

ନିର୍ମାଣ ପାଇଁ ଅର୍ଥ ମିଳିଛି, କିନ୍ତୁ କାମ ଅଧାପନ୍ତରିଆ ହୋଇ ପଡିଛି। ଯେଉଁ କାମ ବି ହୋଇଛି ତାହା ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଚାହୁଁଥିବାବେଳେ ବ୍ଲକ ଓ ଜିଲା ପ୍ରଶାସନର ଅପାରଗ ପଣିଆ ବଡ଼ ବାଧକ ସାଜିଛି। ଏଭଳି ଦେଖିବାକୁ ମିଳିଛି ନୟାଗଡ଼ ଜିଲା ରଣପୁର ବ୍ଲକର ପର୍ଯ୍ୟଟନ କ୍ଷେତ୍ର ବଜ୍ରକୋଟ ଗାଁରେ ଥିବା ମା' ଅସୁରକୁମାରୀ ପୀଠରେ। ୬ ବର୍ଷ ହେବ ଯାତ୍ରୀ ନିବାସ ନିର୍ମାଣ ହେଉଛି। ହେଲେ ସରୁନି। ପୀଠଟି ଏବେ ଅବହେଳିତ ଅବସ୍ଥାରେ ପଡିଛି। ବହୁଦୂର ଦୂରନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଆସୁଥିଲାବେଳେ କୌଣସି ସୁବିଧା ନ ଥିବାରୁ ବହୁ ହଇରାଣ ହେଉଛନ୍ତି। ପାହାଡ଼ ଘେରା ଘନ ଜଙ୍ଗଲ ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ ସବୁବେଳେ ସହରର ଅଶାନ୍ତ ପରିବେଶକୁ ଦେଖୁଥିବା ଆଖି ଯେବେ ଏଠି ପହଞ୍ଚେ ବେଶ ଶାନ୍ତ ଅନୁଭବ କରେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଏହି ସ୍ଥାନଟି ଯିଏ ଥରେ ଆସିଛି ସବୁ ବେଳେ ଆସିବାକୁ ମନେ କରେ। ଏହି ପୀଠରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ କି ଯାତ୍ରୀ ନିବାସ ନାହିଁ। ଏପରି କି ପୀଠରେ ପାନୀୟ ଜଳ କି ବିଦ୍ୟୁତ୍ ସେବା ନ ଥିବାରୁ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୧୬ରେ ତତ୍କାଳୀନ ବିଧାୟକ ରବିନାରାୟଣ ମହାପାତ୍ର ଏହି ପୀଠର ବିକାଶ ଲାଗି ପଦକ୍ଷେପ ନେଇଥିଲେ। ଯାତ୍ରୀ ନିବାସ ଲାଗି ୧୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଇଥିଲେ। ପରେ ପୁରୀ ଏମପି ପିନାକୀ ମିଶ୍ରଙ୍କ ପାଣ୍ଠିରୁ ଆଉ ୧୦ ଲକ୍ଷ ଟଙ୍କା ମଞ୍ଜୁର ହେହୋଇଛି। ଏହାର ନିର୍ମାଣ ଦାୟିତ୍ୱ ରଣପୁର ବ୍ଲକକୁ ଦିଆଯାଇଥିଲା। ଏ ଭିତରେ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଯାତ୍ରୀ ନିବାସର ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡିଛି। ସେପଟେ ବ୍ୟୟ ଅଟକଳ ବଢୁଥିବାରୁ ବ୍ଲକ ପ୍ରଶାସନକୁ ଦାୟୀ କରିଛନ୍ତି ପୀଠର ଟ୍ରଷ୍ଟି ସଦସ୍ୟ ଜୟନନ୍ଦ ଖଟେଇ। ଅନ୍ୟପକ୍ଷେ ପୀଠକୁ ଯାଇଥିବା ରାସ୍ତା ବାବଦକୁ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାସ୍ତା ହେବାର କିଛି ମାସ ନ ପୂରୁଣୁ ଫାଟି ଆଁ କଲାଣି। ଏ ସମ୍ପର୍କରେ ରଣପୁର ବିଡିଓ ଜ୍ୟୋତି ପ୍ରକାଶ ସେଠୀଙ୍କୁ ପଚାରିବାରେ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତୁରନ୍ତ ସରକାର ଏହା ଉପରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଯାତ୍ରୀନିବାସ କାମ ଅଧା ହୋଇପଡିଛି।


ଅସୁର କୁମାରୀ ପୀଠକୁ ଯାଇଥିବା ରାସ୍ତା ଫାଟି ଆଁ କରିଛି।

## ୩୦ ବର୍ଷ ପରେ ବି ବିଦ୍ୟୁତ୍ ସେବା ମିଳିଲା ନାହିଁ

ଖଣ୍ଡପଡା,୨୮।୧୦(ସ୍ୱ.ପ୍ର)

ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଘରକୁ ବିଦ୍ୟୁତ୍ ସଂଯୋଗ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିବେଦନ କରି ଆସୁଥିଲେ ମଧ୍ୟ ମିଳୁନାହିଁ। ତେବେ ଏ ସମସ୍ୟାର ସମାଧାନ ଦିଗରେ ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଅନୀଲ କୁମାର ସାହୁ ସମ୍ପୃକ୍ତ ହିତାଧିକାରୀଙ୍କଠାରୁ ବୁଧବାର ଲିଖିତ ଆବେଦନପତ୍ର ପାଇବା ପରେ ଆଶ୍ୱାସନା ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡା ଗ୍ରାମଠାରୁ ଅନତି ଦୂରରେ ବସବାସ କରୁଥିବା ଗୋପାଳକୃଷ୍ଣ ଜେନା ଓ ପ୍ରଶାନ୍ତ କୁମାର ଜେନାଙ୍କ ପରିବାର ଅଦ୍ୟାବଧି ବିଦ୍ୟୁତ୍ ସେବା ପରି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ପାହାଡ ପାଦଦେଶରେ ଅବସ୍ଥିତ ପୈତୃକ ଜାଗାରେ ୨ ପରିବାର ପିଲାଛୁଆଙ୍କୁ ଧରି ଗତ ୧୯୯୨ ମସିହାରୁ ରହି ଆସୁଛନ୍ତି। ଖାଲି ସେତିକ ନୁହେଁ, ସେଠାରେ ଉକ୍ତ ପରିବାର ଦ୍ୱୟ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଉକ୍ତ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ବିଦ୍ୟୁତ୍ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନେ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ବିଦ୍ୟୁତ ସଂଯୋଗୀକରଣ ହୋଇପାରି ନାହିଁ। ଟିପିସିଓଡିଏଲ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଉକ୍ତ ୨ଟି ପରିବାର ପ୍ରତି ସଦୟ ହେବାକୁ ଦାବି ହେଉଛି।